


Odia Daily

www.theutkalsamachar.com

# ଉତ୍କଳ ସମାଚାର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448



ଆବଶ୍ୟକ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rkl, Mob:9439951525, Email: utkalsamachar@gmail.com



✦Vol - 19✦ Issue No:240✦4 January 2024 (Thursday) ✦ Rourkela ✦ Rs.2.00 ✦ Page -6 ✦୧୯ ବର୍ଷ ✦ସଂଖ୍ୟା :୨୪୦✦୪ ଜାନୁଆରୀ ୨୦୨୪ (ଗୁରୁବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


## ପୁଲିସ୍ ହାତରେ ତିନ୍ ପାହାଡ ଗ୍ୟାଙ୍ଗ୍

## ମୋ ବସ୍ ଓ ଭୁବନେଶ୍ୱରର ବିଭିନ୍ନ ଅଚଂଳରୁ କରୁଥିଲେ ଲୁଟ୍





ଭୁବନେଶ୍ୱର ,୩/୧ (ନି/ପ୍ର): କମିଶନରେଟ ପୁଲିସକୁ ବଡ ସଫଳତା ମିଳିଛି । ପୁଲିସ ହାତରେ ଧରାପଡିଛନ୍ତି ତିନ୍ ପାହାଡ ଗ୍ୟାଙ୍ଗ । ୮ ଜଣ ଡକାୟତଙ୍କୁ ପୁଲିସ ଗିରଫ କରିଛି ବୋଲି ବୁଧବାର ସାମ୍ବାଦିକ ସମ୍ମିଳନୀରେ ଡିସିପି ପ୍ରତୀକ ସିଂହ ସୂଚନା ଦେଇଛନ୍ତି । ଗିରଫ ଡକାୟତ ସମସ୍ତେ ଝାଡଖଣ୍ଡ ଅଚଂଳର । ଏମାନେ ମୋ ବସ୍ ଓ ଭୁବନେଶ୍ୱରର ବିଭିନ୍ନ ଅଚଂଳରୁ ଦୀର୍ଘ ଦିନ ଧରି ଲୁଟ୍ କରୁଥିଲେ । ଭିନ୍ନ ଭିନ୍ନ କୌଶଳରେ ଟଙ୍କା, ମୋବାଇଲ ଆଦି ଲୁଟ୍ କରୁଥିଲେ । ଏମାନଙ୍କ ନିକଟରୁ ୨୨ଟି ଫୋନ ସହ ଏକ ଲକ୍ଷ ୩୦ ହଜାର ଟଙ୍କା ଜବତ କରାଯାଇଛି । କଟକ ଓ ପୁରୀରେ ଏମାନେ ଶତାଧିକ ମୋବାଇଲ ଲୁଟ୍‌ରେ ସାମିଲ ରହିଛନ୍ତି । ଏହାସହ ମୋବାଇଲ ଲୁଟ୍ ପରେ ୟୁପିଆଇ ହ୍ୟାକ୍ କରି ଆକାଉଟଂରୁ ଟଙ୍କା ଖାଲି କରିଦେଉଥିଲେ । ଲୋକଙ୍କୁ ଲୁଟିବା ପାଇଁ ଝାଡଖଣ୍ଡରୁ ଭୁବନେଶ୍ୱର ଆସିଥିଲେ । ଏମାନଙ୍କ ନାଁରେ ରାଜ୍ୟ ଓ ରାଜ୍ୟ ବାହାରେ ଅନେକ ମାମଲା ରହିଛି । ଗ୍ୟାଙ୍ଗରେ ଆହୁରି ସଦସ୍ୟ ଅଛନ୍ତି ବୋଲି ସୂଚନା ମିଳିଛି । ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

### ରାଜଧାନୀରେ ଅଭାବନୀୟ ଘଟଣା :

## ଟ୍ରେନିଂ ବେଳେ ଚାଲିଗଲା ହୋମଗାର୍ଡଙ୍କ ଜୀବନ



ଭୁବନେଶ୍ୱର, ୩/୧ (ନି/ପ୍ର): ଭୁବନେଶ୍ୱର ରିଜର୍ଭ ଅଫିସରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଏଠାରେ ଟ୍ରେନିଂ ବେଳେ ଜଣେ ହୋମଗାର୍ଡଙ୍କ ଜୀବନ ଯାଇଛି । ମୃତ ହୋମଗାର୍ଡ ହେଲେ ବାସୁଦେବ ମାନସିଂ ।ରିଫ୍ରେସର କୋର୍ସ ପାଇଁ ଟ୍ରେନିଂ ଦିଆଯାଉଥିବା ବେଳେ ହୋମଗାର୍ଡ ବାସୁଦେବ ମାନସିଂଙ୍କ ମୃତ୍ୟୁ ଘଟିଛି । ତାଙ୍କର ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ରଖାଯାଇଛି । ସୂଚନା ଅନୁଯାୟୀ, ବାସୁଦେବ ଏୟାରଫିଲଡ ଥାନାରେ ଡ୍ୟୁଟି କରୁଥିଲେ । ସହିଦନଗର ଥାନା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

## ପାଟନାରେ ଜରୁରୀ ଅବତରଣ କଲା ଦିଲ୍ଲୀ ଅଭିମୁଖେ ଉଡ଼ାଣ ଭରିଥିବା ଇଣ୍ଡିଗୋ ବିମାନ



ପାଟନା, ୩/୧: କୁହୁଡ଼ି କାରଣରୁ ବିମାନ ଚଳାଚଳ ବିଳମ୍ବ ହେଉଥିବାର ଖବର ମଧ୍ୟରେ ବୁଧବାର ପାଟନାରେ ମାଟିରୁ ଆକାଶ ପର୍ଯ୍ୟନ୍ତ କିଛି ସମୟ ପାଇଁ ଚହଳ ସୃଷ୍ଟି ହୋଇଥିଲା । ପାଟନାରୁ ଦିଲ୍ଲୀ ଅଭିମୁଖେ ୧୨:୫୮ରେ ଉଡ଼ାଣ ଭରିଥିବା ଇଣ୍ଡିଗୋ ବିମାନ ୨୦୭୪ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବା କାରଣରୁ ଏହାକୁ ପାଟନାରେ ଜରୁରୀ ଅବତରଣ କରାଯାଇଛି । ଯାନ୍ତ୍ରିକ ତ୍ରୁଟି ଦେଖାଦେବା ଖବର ଶୁଣି ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲେ । ଏହାପରେ ପାଟନା ବିମାନବନ୍ଦରକୁ ଏୟାର ଟ୍ରାଫିକ କଂଟ୍ରୋଲ ସିଷ୍ଟମ ମାଧ୍ୟମରେ ଏହି ସୂଚନା ଆସିବା ପରେ ସବୁକିଛିକୁ ନିୟନ୍ତ୍ରଣ କରିବାକୁ ତୁରନ୍ତ ପ୍ରସ୍ତୁତ ହେବାକୁ ପଡ଼ିଥିଲା । ଉଡ଼ାଣ ଭରିବାର କିଛି ସମୟ ମଧ୍ୟରେ ବିମାନକୁ ପାଟନାରେ ଜରୁରୀ ଅବତରଣ କରାଯାଇଛି । ସୁରକ୍ଷିତ ଅବତରଣ ପରେ ଯାତ୍ରୀମାନେ ଆଶ୍ୱସ୍ତ ହୋଇଥିଲେ । ଇଣ୍ଡିଗୋ ବିମାନରେ ମୋଟ୍ ୧୮୭ ଜଣ ଯାତ୍ରୀ ଥିଲେ । ପାଟନା ବିମାନବନ୍ଦର ନିର୍ଦ୍ଦେଶକ ଅଚଂଳ ପ୍ରକାଶ କହିଛନ୍ତି ଯେ, ପାଟନାରୁ ଦିଲ୍ଲୀ ଯାଉଥିବା ଇଣ୍ଡିଗୋ ୨୦୭୪ ବିମାନର ଜରୁରୀକାଳୀନ ଅବତରଣ କରାଯାଇଛି । ଦିନ ୧୨:୫୮ରେ ପାଟନାରୁ ଉଡ଼ାଣ ଭରିବା ପରେ ଯାନ୍ତ୍ରିକ ସମସ୍ୟା ଦେଖାଦେବାରୁ ପାଇଲଟ୍ ପାଟନା ଫେରିବାକୁ ଅନୁରୋଧ କରିଥିଲେ । ଏହାପରେ ତୁରନ୍ତ ବିମାନଟି ସୁରକ୍ଷିତ ଭାବେ ପାଟନାରେ ଅବତରଣ କରିଥିଲା । ଯାନ୍ତ୍ରିକ ସମସ୍ୟାକୁ ସୁଧାରିବା କାମ ଚାଲିଛି । ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ।

## ରାତିରେ ନୂଆ ବର୍ଷ ପାର୍ଟି

## ସକାଳୁ ମିଳିଲା ଯୁବତୀଙ୍କ ମୃତଦେହ



ଦୁମ୍‌କା, ୩/୧ : ଝାରଖଣ୍ଡର ଦୁମ୍‌କା ଅଚଂଳରେ ନୂଆ ବର୍ଷ ପାର୍ଟି ଉତ୍ସବ ପାଳନ ପରେ ଜଣଙ୍କ ଘରୁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଘଟଣା ସାମ୍ନାକୁ ଆସିବା ପରେ ପୁଲିସ୍ ଘଟଣାସ୍ଥଳରେ ପହଁଚି ଛାନଭିନ୍ ଜାରି ରଖିଛି । ମାମଲାରେ ମହିଳାଙ୍କ ପୁରୁଷ ବନ୍ଧୁଙ୍କ ଉପରେ ହତ୍ୟାର ଆରୋପ ଲଗାଯାଇଛି । ସୂଚନା ଅନୁସାରେ, ଦୁମକାର କାଠିକୁଣ୍ଡ ଅଚଂଳର ୩୩ ବର୍ଷୀୟ ଛାତ୍ରୀ ସେହି ଅଚଂଳରେ ଘର ଭଡା ନେଇ ରହୁଥିଲେ । ଜାନୁଆରି ପହିଲା ରାତିରେ ସେ ନିଜ ଘରେ ନୂଆ ବର୍ଷ ପାଳନ କରୁଥିଲେ । ହେଲେ ପରବର୍ତ୍ତୀ ଦିନ ତାଙ୍କ ଘର ଖଟ ତଳୁ ଯୁବତୀଙ୍କ ମୃତଦେହ ଦେଖିବାକୁ ମିଳିଥିଲା । ଛାତ୍ରୀଙ୍କ ସାଙ୍ଗ ତାଙ୍କୁ ଏଭଳି ପଡ଼ିଥିବାର ଦେଖି ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ପ୍ରଶ୍ନ କରିଥିଲେ । ମୃତ ଯୁବତୀଙ୍କ ପୁରୁଷ ବନ୍ଧୁ ଜଣକ ରାତିରେ ଅତ୍ୟଧିକ ମଦ୍ୟପାନ କରିଥିବାରୁ ବେହୋସ୍ ହୋଇ ଯାଇଛନ୍ତି ବୋଲି ଯୁବତୀଙ୍କ ବନ୍ଧୁଙ୍କୁ ଉତ୍ତର ଦେଇଥିଲେ । ଏପରି କହି ସେ ସେହି ସ୍ଥାନ ଛାଡ଼ି ପଳାଇ ଯାଇଥିଲେ । ତା'ପରେ ଯୁବତୀଙ୍କ ବନ୍ଧୁ ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ । ହେଲେ ସେତେବେଳକୁ ସେ ଆଉନଥିଲେ । ସେ ତୁରନ୍ତ ଏ ସଂପର୍କରେ ପୁଲିସ୍‌କୁ ଜଣାଇଥିଲେ । ପୁଲିସ୍ ଆସିବା ପରେ ଯାଇ ମୃତକଙ୍କ ପରିବାରକୁ ସୂଚନା ଦିଆଯାଇଛି । ପ୍ରାଥମିକ ତଦନ୍ତରୁ ଜାଣିବାକୁ ମିଳିଛି ଯେ ନୂଆ ବର୍ଷ ପାର୍ଟି କରିବାକୁ ଯୁବତୀଙ୍କ ପ୍ରେମିକ ତାଙ୍କ ଘରକୁ ଆସିଥିଲେ । ଏହା ପୂର୍ବରୁ ଛାତ୍ରୀଜଣଙ୍କ ଅନ୍ୟ ଦୁଇ ଯୁବକଙ୍କ ସହ ମିଶି ପାର୍ଟି କରୁଥିଲେ ।

## ଯାଉଥିଲେ ପିକ୍‌ନିକ୍ :



### ଚାଲିଗଲା ୧୪ ଜୀବନ

ଗୌହାଟି , ୩/୧: ଆସାମରେ ବୁଧବାର ସକାଳେ ଏକ ବଡ ଧରଣର ସଡକ ଦୁର୍ଘଟଣା ଘଟିଛି । ଡେରାଗାଓଁରୁ ୪୫ ଜଣ ଯାତ୍ରୀଙ୍କୁ ନେଇ ପିକ୍‌ନିକ୍ ଯାଉଥିବା ଏକ ବସ୍ ଟ୍ରକ୍ ସହ ଧକ୍କା ହୋଇ ୧୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୭ ଜଣ ଗୁରୁତର ଆହତ ହୋଇଛନ୍ତି । ପୁଲିସ ଠାରୁ ମିଳିଥିବା ସୂଚନାନୁଯାୟୀ, ବସ୍‌ରେ ଯାତ୍ରା କରୁଥିବା ଯାତ୍ରୀ ପିକ୍‌ନିକ୍ କରିବା ପାଇଁ ଅଠଖେଲିୟାରୁ ବଲିଜାନ ଅଭିମୁଖେ ଯାଉଥିଲେ । ରାସ୍ତାରେ ଏହି ବସ୍‌ଟି ଟ୍ରକ ସହ ଧକ୍କା ହୋଇଥିଲା । ବସ୍‌ଟି ଭୋର ୩ଟାରୁ ଯାତ୍ରା ଆରମ୍ଭ କରିଥିଲା । ରାସ୍ତାରେ କୋଇଲା ଭର୍ତ୍ତି ଟ୍ରକ ସହ ଧକ୍କା ହୋଇଥିଲା । ଦୁର୍ଘଟଣା ବିଷୟରେ ଖବର ପାଇ ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଚିଂ ମୃତାହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଦୁର୍ଘଟଣାର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

## ନୂଆବର୍ଷରେ ବଢୁଛି ଦୈନିକ ସଂକ୍ରମଣ :

### ପୁଣି ରାଜ୍ୟରୁ ଚିହ୍ନଟ ହେଲେ ୫ କୋଭିଡ୍ ପଜିଟିଭ୍



ଭୁବନେଶ୍ୱର ,୩/୧ (ନି/ପ୍ର): ୨୦୨୩ ପୁରୁଣା ବର୍ଷ ବିଦାୟ ନେଇ ନୂଆବର୍ଷ ୨୦୨୪ ପାଦ ଦେଇଥିଲେ ବି କରୋନା ସଂକ୍ରମଣରୁ ଜନସାଧାରଣଙ୍କୁ ନିସ୍ତାର ମିଳିପାରି ନାହିଁ । ଗତ ଦୁଇଦିନ ଧରି ରାଜ୍ୟରୁ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ପୁଣି ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଆଜି ରାଜ୍ୟରୁ ୫ ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ମୋଟ ସଂକ୍ରମିତଙ୍କ ସଂଖ୍ୟା ଏବେ ୨୭ରେ ପହଚିଂଛି । ବର୍ତ୍ତମାନ ସମୟରେ ନୂଆବର୍ଷ ଅବସରରେ ସମସ୍ତେ ସାଙ୍ଗସାଥୀ, ବନ୍ଧୁ ପରିଜନଙ୍କ ସହିତ ଭୋଜିଭାତ ଓ ପିକନିକରେ ମସଗୁଲ ରହିଥିବା ବେଳେ କରୋନା ନିୟମ ମାନିବା ଆବଶ୍ୟକ । ନଚେତ୍ ଆଗକୁ ସଂକ୍ରମଣ ବଢ଼ିପାରେ । ଗତ ୨୪ ଘଟାଂ ମଧ୍ୟରେ ରାଜ୍ୟରୁ ଆଉ ୫ ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହାଫଳରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୭ରେ ପହଚିଂଛି । ପୂର୍ବରୁ ଜଣେ ସଂକ୍ରମିତ ସୁସ୍ଥ ହୋଇଥିଲେ । ଗତକାଲି ମଧ୍ୟ ରାଜ୍ୟରୁ ୫ ସଂକ୍ରମିତ ଚିହ୍ନଟ ହୋଇଥିଲେ । ତେବେ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିକୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସତର୍କତା ଜାରି କରାଯିବା ସହ ଭୟଭୀତ ନ ହେବାକୁ ପୂର୍ବରୁ ପରାମର୍ଶ ଦିଆଯାଇଥିଲା । କୋଭିଡ୍ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ବିଭାଗ ପକ୍ଷରୁ କୁହାଯାଇଛି । ସେହିପରି ପୂର୍ବରୁ ରାଜ୍ୟର ସମସ୍ତ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲକୁ ଚିଠି ଲେଖି କରୋନା ନିୟମାବଳୀ ମାନିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପକ୍ଷରୁ କୁହାଯାଇଥିଲା । ଯେଉଁମାନଙ୍କ ଠାରେ ଥଣ୍ଡା, ଜ୍ୱର, କାଶ ଲାଗି ରହୁଛି ସେମାନେ ପୃଥକ୍ ଭାବେ ରହିବା ସହିତ ପରୀକ୍ଷା କରାଇବାକୁ କୁହାଯାଇଛି । ଏଥିସହିତ ବହୁବିଧ ରୋଗୀମାନେ ଭିଡ଼କୁ ନ ଯିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଥିଲେ ।

### କେନ୍ଦୁଝର ରୁଗୁଡ଼ି ସ୍ଥିତ ଷ୍ଟିଲପ୍ଲାଂଟରେ ବିସ୍ଫୋରଣ



କେନ୍ଦୁଝର, ୩/୧ (ନି/ପ୍ର): କେନ୍ଦୁଝର ରୁଗୁଡ଼ି ଥାନା ଅଧୀନ ବରପଦାଠାରେ ଥିବା ଷ୍ଟିଲପ୍ଲା[ରେ ବିସ୍ଫୋରଣ । ରୁଗୁଡ଼ି ସ୍ଥିତ ଏହି ଷ୍ଟିଲପ୍ଲାଂଟ ଇଣ୍ଡକସନ୍ ଫର୍ଣ୍ଣେସରେ ବିସ୍ଫୋରଣ ହୋଇଥିବା ନେଇ ସୂଚନା ମିଳିଛି । ତେବେ ଏହି ବିସ୍ଫୋରଣରେ କ୍ଷୟକ୍ଷତି ହୋଇଥିବା ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ । ସେପଟେ କେଉଁ କାରଣରୁ ଏହି ବିସ୍ଫୋରଣ ଘଟିଛି ସେନେଇ ମଧ୍ୟ କିଛି ଜଣାପଡି ନାହିଁ ।

## ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଲୋକାର୍ପିତ



### ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ବଲାଙ୍ଗୀର, ୩/୧ (ନି/ପ୍ର): ବଲାଙ୍ଗୀର ଜିଲ୍ଲାର ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍ ?ଘାଟନ କରିଛନ୍ତି । ୨୭୨୩ କୋଟି ଟଙ୍କା ବ୍ୟରେ ନିର୍ମିତ ହୋଇଛି ଏହି ପ୍ରକଳ୍ପ । ଏତଦବ୍ୟତୀତ ୩୦୫ କୋଟିର ୬୯ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏଥିଲାଗି ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ବଲାଙ୍ଗୀର ସାଂସଦ ସଙ୍ଗୀତା ସିଂହଦେଓ, ମନ୍ତ୍ରୀ ନିରଞ୍ଜନ ପୂଜାରୀ, ୫ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ୍, ଉନ୍ନୟନ କମିସନର୍ ଅନୁ ଗର୍ଗ, ଜିଲ୍ଲା ପରିଷଦ ଅଧ୍ୟକ୍ଷା, ବିଧାୟକ ନରସିଂହ ମିଶ୍ର, ମୁକେଶ ମହାଲିଙ୍ଗ, ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡର ଅଧ୍ୟକ୍ଷ କଳିକେଶ ସିଂହଦେଓ ପ୍ରମୁଖ ଉପସ୍ଥିତ ଅଛନ୍ତି । ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୧ ନଭେମ୍ବର ୨୪ ତାରିଖ ପ୍ରକଳ୍ପର ଶିଳାନ୍ୟାସ କରିଥିବା ବେଳେ ବିସ୍ଥାପନକୁ ନେଇ ବ୍ୟାପକ ଆନ୍ଦୋଳନ ଯୋଗୁଁ ଏହାର ନିର୍ମାଣ ବିଳମ୍ବ ହେବା ସହ ପ୍ରକଳ୍ପ ବ୍ୟୟ ଅଟକଳ ମଧ୍ୟ ବୃଦ୍ଧି ପାଇଥିଲା । ଏହି ପ୍ରକଳ୍ପ ନିର୍ମାଣ ଅଦ୍ୟାବଧି ସଂପୂର୍ଣ୍ଣ ହୋଇନଥିଲେ ମଧ୍ୟ ଜଳଭଣ୍ଡାର, ସ୍ପିଲ୍‌ୱେ କାମ ସଂପୂର୍ଣ୍ଣ ହୋଇଛି । ଏହି ଜଳଭଣ୍ଡାରରୁ ଭୂତଳ ପାଇପ ଲାଇନ ଯୋଗେ କେନାଲ ଖୋଳାଯାଇ ଜମିକୁ ଜଳ ଯୋଗାଣ ବ୍ୟବସ୍ଥା ? କରାଯାଉଥିବା ବେଳେ ଉଭୟ ବାମ ଓ ଦକ୍ଷିଣ କେନାଲ ପାଇପ ଲାଇନ କାମ ଓ ପମ୍ପହାଉସ କାମର ନିର୍ମାଣ ଆରମ୍ଭ ହୋଇଛି । ୧୭୭ ମିଟର ସ୍ପିଲ୍‌ୱେ, ୧୪୧୦ ମିଟର ଲମ୍ବ ମାଟିବନ୍ଧ ଥିବା ଏହି ପ୍ରକଳ୍ପରେ ୧୨ଟି ଜଳ ନିଷ୍କାସନ ଗେଟ୍ ରହିଛି । ଏହି ପ୍ରକଳ୍ପ ଦ୍ୱାରା ବଲାଙ୍ଗୀର ଜିଲ୍ଲାର ୨୯ଟି ଗ୍ରାମ ପ୍ରଭାବିତ ହୋଇଥିବା ବେଳେ ୧୫ଟି ଗାଁ ସଂପୂର୍ଣ୍ଣ ଓ ୧୪ଟି ଗାଁ ଆଂଶିକ ବୁଡ଼ିଛି । ଏହି ?ଗ୍ରାମ ଗୁଡ଼ିକର ୩ ହଜାର ପରିବାର ବିସ୍ଥାପିତ ହୋଇଛନ୍ତି । ୫୩୦୦ କୋଟି ଟଙ୍କା ବ୍ୟୟ ହୋଇଥିବା ଏହି ପ୍ରକଳ୍ପ ଯୋଗୁଁ ପ୍ରାୟ ୪୦ ହଜାର ହେକ୍ଟର ଜମି ଜଳସେଚିତ ହୋଇ ପାରିବ ବୋଲି ଯୋଜନା ରହିଛି ।


ଆବଶ୍ୟକ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ର ବୌଦ୍ଧ, ସୋନପୁର, ବଲାଙ୍ଗୀର, ଝାରସୁଗୁଡ଼ା ଜିଲ୍ଲା ପାଇଁ ଜିଲ୍ଲା ତଥା ବ୍ଲକସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Adress:Qrs No:B/204, Sec-16,Rourkela

Mob:9692048008

email-utkalsamachar@gmail.com



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255816
Email: utkalsamachar@gmail.com, Mob: 9437086122


## 'ପ୍ଲାଷ୍ଟିକ୍ ମୁକ୍ତ ପିକ୍‌ନିକ୍' ପାଇଁ ରାଜ୍ୟ ସରକାରଙ୍କ ଆହ୍ୱାନ:ପ୍ଲାଷ୍ଟିକ ପ୍ଲେଟ୍, ଗ୍ଲାସ୍, ଚାମଚ ବଦଳରେ ଖଲିପତ୍ର ଓ କପଡ଼ା ଆଦିରେ ପ୍ରସ୍ତୁତ ପରିବେଶ ଅନୁକୂଳ ଜିନିଷ ବ୍ୟବହାର କରିବାକୁ ପରାମର୍ଶ




ଭୁବନେଶ୍ୱର,(୩/୧ ନି.ପ୍ର) : ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ଓ ପଲିଥିନର ବହୁଳ ବ୍ୟବହାର ଆଜି ସାରା ବିଶ୍ୱରେ ବଡ଼ ଆହ୍ୱାନ ସୃଷ୍ଟି କରିଛି। ତେଣୁ ଏହାର ବ୍ୟବହାରକୁ ରୋକିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ବିଶେଷ ସଚେତନତା କାର୍ଯ୍ୟକ୍ରମ - 'ପ୍ଲାଷ୍ଟିକ୍ ମୁକ୍ତ ପିକନିକ'। ଏହା ଅଧୀନରେ ରାଜ୍ୟର ପ୍ରମୁଖ ପିକନିକ ସ୍ଥାନଗୁଡ଼ିକୁ ପ୍ଲାଷ୍ଟିକ ମୁକ୍ତ କରିବା ଲାଗି ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ ଓ ସାଧାରଣ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରାଯାଉଛି।ଏବେ ପିକ୍‌ନିକ୍ ଋତୁ ଆରମ୍ଭ ହୋଇଯାଇଛି। ବଣ ଭୋଜି କରିବା ପାଇଁ ରାଜ୍ୟର ବିଭିନ୍ନ ପିକ୍‌ନିକ୍ ସ୍ପଟ୍‌ରେ ଭିଡ଼ ଜମୁଛି। ଭୋଜି ପରେ ପିକ୍‌ନିକ୍ ସ୍ପଟରେ ଏଣେତେଣେ ପ୍ଲାଷ୍ଟିକ୍ ପ୍ଲେଟ୍, ବାଉଲ, ଗ୍ଲାସ୍, ଚାମଚ, ସ୍ନାକ୍ସ ଜରି, ସୋଲୋ ଥାଳି ଓ ପଲିଥିନ୍ ପଡ଼ିରହୁଛି। ଏହା ପରିବେଶ ପାଇଁ କ୍ଷତିକାରକ ହୋଇଥିବାରୁ ବଣଭୋଜି ବେଳେ ପରିବେଶ-ଅନୁକୂଳ ସାମଗ୍ରୀ ବ୍ୟବହାର କରିବାକୁ ଅନୁରୋଧ କରାଯାଉଛି।"ଉ ମ ସ୍ୱାସ୍ଥ୍ୟ ପାଇଁ ସବୁଜ ତଥା ସୁନ୍ଦର ପରିବେଶର ଆବଶ୍ୟକତା ରହିଛି। ତେଣୁ ପରିବେଶକୁ କିପରି ସୁରକ୍ଷିତ ରଖିବା ସେଥିପାଇଁ ଏବେଠୁ ସମସ୍ତେ ଯତ୍ନବାନ ହେବାର ବେଳ ଆସିଛି। ପିକ୍‌ନିକ୍ ବେଳେ ପୁନଃବ୍ୟହାରଯୋଗ୍ୟ ସାମଗ୍ରୀ ବ୍ୟବହାର କରିବା ସହ ପରିବେଶକୁ କିପରି ସଫା ସୁତରା ରଖିବା ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଭବିଷ୍ୟତ ପିଢ଼ିଙ୍କ ପାଇଁ ସୁସ୍ଥ ବାତାବରଣ ସୃଷ୍ଟି କରିବାକୁ ସମସ୍ତେ ଆଗେଇ ଆସନ୍ତୁ", ପ୍ଲାଷ୍ଟିକ୍ ମୁକ୍ତ ପିକନିକ ଅଭିଯାନ ଅବସରରେ ଏହା କହିଛନ୍ତି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା।ଏଥର ପିକ୍‌ନିକ୍ ପ୍ଲାନ୍ କରିବା ବେଳେ ପ୍ଲାଷ୍ଟିକ୍ ଜିନିଷ ଓ ପଲିଥିନ ବଦଳରେ ଖଲିପତ୍ର ଏବଂ ଦନା ବ୍ୟବହାର କରିପାରିବେ। ସେହିପରି ଟିସୁ ପେପର ବଦଳରେ କପଡ଼ା ରୁମାଲ ବା ଟାୱେଲ୍ ଏବଂ କପଡ଼ା ବ୍ୟାଗ୍ ଆଦି ସାଙ୍ଗରେ ନେଇପାରିବେ। ପିକ୍‌ନିକ୍ ସ୍ଥାନରେ ଆବର୍ଜନାଗୁଡ଼ିକୁ ଏଣେତେଣେ ନପକାଇ ଡଷ୍ଟବିନ ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବ ୍ନ ବିଭାଗ ଅଧୀନରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ 'ପ୍ଲାଷ୍ଟିକ୍ ମୁକ୍ତ ପିକ୍‌ନିକ୍' କାର୍ଯ୍ୟକ୍ରମ କରାଯାଉଛି। ଏଥିରେ ଓଲିଉଡ୍ ଅଭିନେତା ସବ୍ୟସାଚି ମିଶ୍ର ସାମିଲ ହୋଇ ପିକ୍‌ନିକ୍ ବେଳେ ପ୍ଲାଷ୍ଟିକ ଜିନିଷ ବର୍ଜନ କରିବାକୁ ଜନସାଧାରଣଙ୍କୁ ଅପିଲ୍ କରିଛନ୍ତି।"ପ୍ଲାଷ୍ଟିକ୍ ଏବଂ ପଲିଥିନ୍ ଭଳି ପ୍ରଦୂଷଣକାରୀ ଜିନିଷ ଆମ ପରିବେଶ ପାଇଁ କ୍ଷତିକାରକ। ତେଣୁ ପ୍ରାକୃତିକ ସ୍ଥାନରେ ପିକ୍‌ନିକ୍ କରିବା ବେଳେ ଏଭଳି ସାମଗ୍ରୀ ବ୍ୟବହାର କରିବା ନାହିଁ। ଏହି ପ୍ରଦୂଷଣକାରୀ ଜିନିଷ ମଣିଷ ସମାଜକୁ ବିପଦରେ ପକାଇବା ସହିତ ଅନ୍ୟ ଜୀବଜନ୍ତୁଙ୍କୁ ମଧ୍ୟ ପ୍ରଭାବିତ କରିଥାଏ। ପ୍ଲାଷ୍ଟିକ୍ ମୁକ୍ତ ପିକ୍‌ନିକ୍ ଅଭିଯାନରେ ସାମିଲ ହୋଇ ପରିବେଶକୁ ସୁରକ୍ଷିତ ରଖନ୍ତୁ", ଏହି ଆହ୍ୱାନ ଦେଇଛନ୍ତି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡକ୍ଟର କେ ମୁରୁଗେସନ।ପ୍ଲାଷ୍ଟିକ୍ ଓ ପଲିଥିନଜାତୀୟ ଆବର୍ଜନା ବର୍ଷ ବର୍ଷ ପରେ ବି ମାଟିରେ ମିଶିପାରେ ନାହିଁ। ଏହା ମାଟିର ଉର୍ବରତା ନଷ୍ଟ କରିବା ସହ ଭୂତଳ ଜଳକୁ ମଧ୍ୟ ପ୍ରଦୂଷିତ କରିଥାଏ। ଖୋଲାଜାଗାରେ ପ୍ଲାଷ୍ଟିକ୍ ଓ ପଲିଥିନ୍ ଆବର୍ଜନା ଗଦା ହେବା ଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୁଏ। ତେଣୁ ଏସବୁ ସମସ୍ୟା ବିଷୟରେ ଲୋକମାନଙ୍କୁ ସଚେତନ କରିବାରେ 'ପ୍ଲାଷ୍ଟିକ୍ ମୁକ୍ତ ପିକ୍‌ନିକ୍' ବିଶେଷ ସହାୟକ ହେବ।ଚଳିତବର୍ଷ ୧୭୬ଟି ପ୍ରମୁଖ ପିକ୍‌ନିକ୍ ସ୍ଥାନରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ନିଷେଧ କରାଯାଇଛି। ଏ ବିଷୟରେ ସ୍ଥାନୀୟ ସ୍ୱେଚ୍ଛାସେବୀ, ଇକୋ କ୍ଲବର ସଦସ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଲୋକମାନଙ୍କୁ ସଚେତନ କରୁଛନ୍ତି। ତୃଣମୂଳ ସ୍ତରରେ ଏହାକୁ କାର୍ଯ୍ୟକାରୀ କରିବାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟୁଥ୍ ଫର୍ ୱାଟର ଅଭିଯାନ ପ୍ରମୁଖ ଭୂମିକା ଗ୍ରହଣ କରୁଛି।"ପ୍ରକୃତି ଆମକୁ ବହୁତ କିଛି ଦେଉଛି। ତେଣୁ ପ୍ଲାଷ୍ଟିକ ଓ ପଲିଥିନ ଆବର୍ଜନା ସୃଷ୍ଟି କରି ପରିବେଶକୁ ପ୍ରଦୂଷିତ କରିବା ନାହିଁ। ପ୍ରକୃତି ଏବଂ ପରିବେଶକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ। ଏଥିପାଇଁ ଯୁବପିଢ଼ି ସଙ୍କଳ୍ପବଦ୍ଧ ହେବା ଦରକାର", କହିଛନ୍ତି ୟୁଥ ଫର୍ ୱାଟର ଅଭିଯାନର ପ୍ରତିଷ୍ଠାତା ତଥା ଓଡ଼ିଶାର ୱାଟର ମ୍ୟାନ ଭାବେ ପରିଚିତ ରଞ୍ଜନ ପଣ୍ଡା।ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହରା ଳରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ଏବଂ ୧୨୦ ମାଇକ୍ରନରୁ କମ୍ ପତଳା ପଲିଥିନ ବ୍ୟାଗ ଆଦି ବ୍ୟବହାରକୁ ନିଷେଧ କରାଯାଇଛି। ୨୦୨୨ ଡିସେମ୍ବର ୩୧ରୁ ଏହି ନିୟମ ଲାଗୁ ହୋଇଛି। ସେହିପରି ରାଜ୍ୟର ବିଭିନ୍ନ ପିକ୍‌ନିକ୍ ସ୍ଥାନରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନିଷେଧ କରାଯାଇଛି।

## ସାମ୍ବାଦିକଙ୍କ ଧାରଣା ପ୍ରତ୍ୟାହାର ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ହେବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ - ଅତିରିକ୍ତ ଏସ ପି

କୋଣାର୍କ (୩/୧ ନି.ପ୍ର) - ଗତ ୩୧ ତାରିଖରେ କୋଣାର୍କ ସୂର୍ଯ୍ୟମନ୍ଦିରକୁ ଖବର ସଂଗ୍ରହ କରିବାକୁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଦୁର୍ବ୍ୟବହର ସହିତ ବୁମ ଠେଲି ଅପମାନିତ କରିଥିବା ଏଏସଆଇର ଜଣେ କର୍ମଚାରୀଙ୍କୁ ଗିରଫ ଦାବୀରେ କୋଣାର୍କ ସାମ୍ବାଦିକ ମିଳିତ କ୍ରିୟା ଅନୁଷ୍ଠାନ କମିଟି ପକ୍ଷରୁ କୋଣାର୍କ ଥାନା ସମ୍ମୁଖରେ ଦିଆ ଯାଇଥିବା ଧାରଣ ମଙ୍ଗଳବାର ଅପରାହ୍ନରେ ପ୍ରତ୍ୟାହୃତ ହୋଇଛି । କୋଣାର୍କ ସୂର୍ଯ୍ୟମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ଏଏସଆଇର ମାନମାନି ଦିନକୁ ଦିନ ବୃଦ୍ଧି ପାଉଥିବା ସାଧାରଣ ଅଭିଯୋଗ ହୋଇଛି। ଏପରିକି ଏଏସଆଇର କିଛି କର୍ମଚାରୀ, ସ୍ଥାନୀୟ ବାସିନ୍ଦା, ଫଟୋଗ୍ରାଫର, ଗାଇଡି ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଭିନ୍ନ ସମୟରେ ଦୁର୍ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଆସୁଥିଲା। ଯାହାକୁ ନେଇ କୋଣାର୍କ ଅଞ୍ଚଳରେ ତ୍ରିବ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରି ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ଗତ ଡିସେମ୍ବର ୩୧ ତାରିଖରେ ଯାଇଥିଲେ । ଏହି ସମୟରେ ସୂର୍ଯ୍ୟ ମନ୍ଦିରର ମୁଖ୍ୟ ଫାଟକ ସମ୍ମୁଖରେ ପର୍ଯ୍ୟଟକଙ୍କୁ ଦୁର୍ବ୍ୟବହାର କରାଯାଉଥିବା ଖବର ସଂଗ୍ରହ କରୁଥିବା ସମୟରେ ଜଣେ ଏଏସଆଇ କର୍ମଚାରୀ ସାମ୍ବାଦିକ ମାନଙ୍କୁ ମଧ୍ୟ ଦୁର୍ବ୍ୟବହାର କରିଥିଲେ। ଏ ନେଇ ସାମ୍ବାଦିକଙ୍କ ପକ୍ଷରୁ ଉକ୍ତ ଦିନ କୋଣାର୍କ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ଥାନା ପକ୍ଷରୁ ୨୬୭/୨୩ରେ ମାମଲା ରୁଜୁ କରାଯାଇ ଥିଲେ ମଧ୍ୟ ଅଭିଯୁକ୍ତ କୁ ଗିରଫ କରାଯାଇ ନଥିବାରୁ ସାମ୍ବାଦିକମାନେ ଅସଂତୋଷ ପ୍ରକାଶ କରିବା ସହ କୋଣାର୍କ ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ଧାରଣା ତୃତୀୟ ଦିନରେ ପହଞ୍ଚି ଥିବା ବେଳେ ଧାରଣା ସ୍ଥଳକୁ ପୁରୀ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷୀକ ବିଷ୍ଣୁ ଚରଣ ପତି ପହଞ୍ଚି ଧାରଣାରତ ସାମ୍ବାଦିକ ମାନଙ୍କ ସହ ଆଲୋଚନା କରି ଆସନ୍ତା ୭ଦିନ ମଧ୍ୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଅବସରରେ ଏକ ଟିମ୍ ଆରକ୍ଷୀ ଅଧିକ୍ଷକ ଓ ଉପଜିଲ୍ଲାପାଳ, ପୁରୀଙ୍କ ସହିତ ଭେଟି ସୂର୍ଯ୍ୟ ମନ୍ଦିରରେ ହେଉଥିବା ଅଧିକାରୀଙ୍କ ମନମାନି ଓ ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ।

## ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ "ଗାନ୍ଧୀଶିଳ୍ପ ବଜାର" ଯୋଗଦେଲେ ୧୬ଟି ରାଜ୍ୟର ୧୦୦ ହସ୍ତଶିଳ୍ପୀ



ଭୁବନେଶ୍ୱର,(୩/୧ ନି.ପ୍ର) : ସ୍ଥାନୀୟ ନୟାପଲ୍ଲୀ ଦୁର୍ଗାପୂଜା ପଡ଼ିଆ, ଭୁବନେଶ୍ୱର ପରିସରରେ ବିକାଶ ଆୟୁକ୍ତ (ହସ୍ତଶିଳ୍ପ), ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ପ୍ରାୟୋଜିତ ଏବଂ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଡୋଭ ଅନୁଗୋଳ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀରେ ପ୍ରବଳ ଜନ ସମାଗମ ପରିଲକ୍ଷିତ ହେଉଛି। ଏହି ପ୍ରଦର୍ଶନୀ ଆସନ୍ତା ଯାନୁୟାରୀ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଭାରତ ବର୍ଷର ୧୬ଟି ରାଜ୍ୟରୁ ୧୦୦ଜଣ ନିପୁଣ ଶିଳ୍ପୀ ସେମାନଙ୍କ ହାତ ତିଆରି ଚିତାକର୍ଷକ ଅପୂର୍ବ ସାମଗ୍ରୀ ଗୁଡ଼ିକ ପ୍ରଦର୍ଶନ ସହ ବିକ୍ରୟ କରୁଛନ୍ତି। ଚଳିତବର୍ଷ ରାଜସ୍ଥାନର ଟାଏ ଏବଂ ଡ଼ାଏ, ପଞ୍ଜାବର ଫୁଲକରୀ, ଲକ୍ଷ୍ନୌର ବେଡ଼ କଭର, ଆସାମର ଶାଢୀ ଏବଂ ବାଉଁଶ କାମ, ପଣ୍ଡିଚେରୀର ଚମଡ଼ା କାମ ଏବଂ ସୁବାସିତ କ୍ୟାଣ୍ଡଲ, ଚେନ୍ନାଇର ହସ୍ତତନ୍ତ ଏବଂ ଜୁଏଲାରୀ, କାଶ୍ମୀରର ସାଲ ଏବଂ ଶାଢୀ, ଝାଡ଼ଖଣ୍ଡର ଝୋଟ ତିଆରି ଅଳଙ୍କାର, ବ୍ୟାଗ ଏବଂ ଚପଲ, ଉ ରପ୍ରଦେଶର ଜୁଏଲାରୀ, ପି ଳ, କାଠକାମ ଏବଂ ବନାରସୀ ସିଲ୍‌କ ଶାଢୀ, ଛତିଶଗଡ଼ର ଶାଢୀ, ମଧ୍ୟପ୍ରଦେଶର ଚନ୍ଦେରୀ ସିଲ୍‌କ ଏବଂ ହାତ ତିଆର ବ୍ୟାଗ, ପଶ୍ଚିମବଙ୍ଗର କନ୍ଥା ଶାଢୀ, ଟେରାକୋଟ, ଜୁଏଲାରୀ ଏବଂ ଝୋଟକାମ, ମହାରାଷ୍ଟ୍ରର ବ୍ୟାଗ, ତାମିଲନାଡୁର ସୂତାଶାଢୀ, ସିଲ୍‌କ ଶାଢୀ, ଚମଡ଼ା କାମ ଏବଂ ଜୁଏଲାରୀ ସମେତ ଓଡ଼ିଶା ବରଗଡ଼ର ଶାଢୀ ଏବଂ ଟେରାକୋଟା, ସୋନପୁରର ପାଟଶାଢୀ, ଢେଙ୍କାନାଳର ଡୋକ୍ରା, କେନ୍ଦ୍ରାପଡ଼ାର ବେଣା ଏବଂ କାଇଁଚ କାମ, ବାରିପଦାର ସବାଇଘାଷ, ପୁରୀର ଚାନ୍ଦୁଆ, କତା କାମ, ଖୋର୍ଦ୍ଧାର ଝୋଟକାମ ଏବଂ ରଘୁରାଜପୁରର ପ୍ରସିଦ୍ଧ ପଟ୍ଟଚିତ୍ର ଇତ୍ୟାଦି ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶିତ ହେବା ସହ ବିକ୍ରି ହେଉଛି।ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ମାଟି ତିଆରି ପାତ୍ର, ଗୃହ ଉପକରଣ, ଖେଳଣା ଏବଂ ସାଜସଜ୍ଜା ସାମଗ୍ରୀ ଗୁଡ଼ିକ ଦର୍ଶକଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରୁଛି। ଖୋର୍ଦ୍ଧା ଜିଲ୍ଲାରୁ ଆସିଥିବା ଗୃହିଣୀ ସୁଲୋଚନା ବରାଡ଼ ଏବଂ ପୁଷ୍ପାଞ୍ଜଳି ରାଉତରାଏ ହାତ ତିଆରି ସାମଗ୍ରୀ ଏବଂ ମେସିନ ତିଆରି ସାମଗ୍ରୀ ଗୁଡ଼ିକୁ ପରୀକ୍ଷା କରିଥିଲେ। ହାତ ତିଆରି ସାମଗ୍ରୀ ଗୁଡ଼ିକ ପରୀକ୍ଷା କରି ଦର୍ଶକମାନେ ଏହାର ଗୁଣବ । ଏବଂ ସ୍ଥାୟୀତ୍ୱକୁ ବେଶ ପସନ୍ଦ କରିଥିଲେ। ହସ୍ତଶିଳ୍ପୀ ମାନଙ୍କ ପାଇଁ ସରକାରୀ ଉଦ୍ଦେଶ୍ୟରେ ସିଧାସଳଖ ବିକ୍ରିର ସୁଯୋଗ ଦେବା ଉକ୍ତ ପ୍ରଦର୍ଶନୀର ମୁଖ୍ୟ ଉଦ୍ଦେଶ୍ୟ। ପ୍ରଦର୍ଶନୀ ମାଧ୍ୟମରେ ହସ୍ତଶିଳ୍ପର ବ୍ୟାପକ ପ୍ରଚାର ପ୍ରସାର କରି ହସ୍ତଶିଳ୍ପ କ୍ଷେତ୍ରରେ ବିପୁଳ କର୍ମ ନିୟୋଜନ ସୃଷ୍ଟି କରିବା ଏବଂ ଶିଳ୍ପୀ ମାନଙ୍କର ଅର୍ଥନୈତିକ ମାନଦଣ୍ଡ ବୃଦ୍ଧି କରିବା ନିମନ୍ତେ ଏହା ଆୟୋଜନ କରାଯାଉଛି। ଉକ୍ତ ପ୍ରଦର୍ଶନୀକୁ ବହୁ ସଂଖ୍ୟାରେ ହସ୍ତଶିଳ୍ପୀ ପ୍ରେମୀ ପରିଦର୍ଶନ କରି ହସ୍ତଶିଳ୍ପର କାରିଗର ମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଡୋଭର ସମ୍ପାଦକ ଅନିଲ କୁମାର ମିଶ୍ର ଏକ ପ୍ରେସ୍ ବିବୃ ି ମାଧ୍ୟମରେ ଜଣାଇଛନ୍ତି।

## ଅଯୋଧ୍ୟା ରେ ରାମ ମନ୍ଦିର ପ୍ରତିଷ୍ଠା ପାଇଁ ଆସନ୍ତା ଜାନୁୟାରୀ ୪ ରେ ତାଳଚେରରେ ଅକ୍ଷତ ଶୋଭାଯାତ୍ରା

ତାଳଚେର:(୩/୦ ନି.ପ୍ର): ଶ୍ରୀ ରାମ ଜନ୍ମଭୂମୀ ତୀର୍ଥ କ୍ଷେତ୍ର ଅଯୋଧ୍ୟା ପକ୍ଷରୁ ତାଳଚେର ଦେଉଳବେଡା ଠାରେ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।ଶ୍ରୀରାମ ଜନ୍ମଭୂମୀ ତୀର୍ଥ କ୍ଷେତ୍ର ଅଯୋଧ୍ୟା ତାଳଚେର ନଗର ସହ ସଂଯୋଜକ ପର୍ଶୁରାମ ବାରିକ ସାମ୍ବାଦିକ ସମ୍ମିଳନୀରେ ଆସନ୍ତା ଜାନୁୟାରୀ ୨୨ ତାରିଖ ଶ୍ରୀ ରାମ ଜନ୍ମଭୂମୀ ଅଯୋଧ୍ୟା ରେ ନବ ନିର୍ମିତ ମନ୍ଦିର ଗର୍ଭ ଗୃହ ରେ ଭଗବାନ ରାମ ଲାଲା ଙ୍କୁ ବିରାଜିତ କରା ଯାଇ ପ୍ରାଣ ପ୍ରତିଷ୍ଠା କରାଯିବ ,ଏଣୁ ସମଗ୍ର ଭାରତ ବର୍ଷର ଜନ ସାଧାରଣ ଏହି ଉତ୍ସବ କୁ ଘରେ ଘରେ ପାଳନ କରନ୍ତୁ ଏହି ଲକ୍ଷ୍ୟ ନେଇ ଶ୍ରୀ ରାମ ଜନ୍ମଭୂମୀ ଶ୍ରୀ କ୍ଷେତ୍ର ଅଯୋଧ୍ୟା ତାଳଚେର ନଗର ପକ୍ଷ ରୁ ଘର ଘର ଯାଇ ନିମନ୍ତ୍ରଣ କରିବା ସହିତ ଅଯୋଧ୍ୟା କୁ ଆସିଥିବା ଅକ୍ଷତ ପ୍ରସାଦ କୁ ସମସ୍ତ ପରିବାର ରେ ଦିଆ ଯିବ ବୋଲି କହିଥିଲେ। ଜାନୁଆରୀ ୨୨ ତାରିଖ ଦୀନ ୧୧ ରୁ ୧ ଟା ମଧ୍ୟ ରେ ନିଜ ନିଜ ଗ୍ରାମ,ପଡା.,କଲୋନୀ ବା ସାହିରେ ଥିବା ମଠ ମନ୍ଦିର ଧର୍ମାନୁଷ୍ଠାନ ରେ ସମସ୍ତେ ଏକତ୍ରିତ ହୋଇ ଶଙ୍ଖ , ଘଣ୍ଟ ଧ୍ୱନୀ ଓ କୀର୍ତ୍ତନ କରୀ ପ୍ରଭୁ ଶ୍ରୀ ରାମ ଚନ୍ଦ୍ର ଙ୍କୁ ଆରତୀ କରିବା ,୧୦୮ ଶ୍ରୀରାମ ଜୟ ରାମ ଜୟ ଜୟ ରାମ ବିଜୟ ମହାମନ୍ତ୍ର କୁ ଜପ କରିବା ସହ ହନୁମାନ ଚାଲିସା ପାଠ କରିବ ପାଇଁ ନିବେଦନ କରିଛନ୍ତି।ଏବଂ ସେହି ଦୀନ ସନ୍ଧ୍ୟା ରେ ସମସ୍ତ ଘରେ ଘରେ ଠାକୁର ଙ୍କ ନିକଟରେ ଦୀପ ଲଗାଇବା ସହ ଘର ଫାଟକ ରେ ୫ ଟି ଦୀପ ଲଗାଇ ଦୀପାବଳି ଭାବରେ ଉତ୍ସବ ପାଳନ କରିବା ପାଇଁ ନିବେଦନ ଶ୍ରୀ ବାରିକ ନିବେଦନ କରିଛନ୍ତି।ଜାନୁଆରୀ ୪ ତାରିଖ ଗୁରୁବାର ଅପରାହ୍ନ ୪ ଟାରୁ ତାଳଚେର ଟାଉନ ଜଗନ୍ନାଥ ମନ୍ଦିର ଠାରୁ ହାଣ୍ଡିଧୁଆ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଅଯୋଧ୍ୟା ରୁ ଆସିଥିବା ଅକ୍ଷତ ଶୋଭା ଯାତ୍ରା ଅନୁଷ୍ଠିତ ହେବ ।

## ମା' ବନ ଦୁର୍ଗା ଡାୟନମିକ କ୍ଲବ ଆଡିପଡ଼ା କ୍ରିକେଟ ଟୁର୍ଣ୍ଣମେଣ୍ଟ :ଟେମ୍ପଲ ସିଟି ୱାରିୟର୍ସ ବିଜେତା

ଖୋର୍ଦ୍ଧା (୩/୧ ନି.ପ୍ର): କୁଞ୍ଜୁରୀ ପଞ୍ଚାୟତରେ ଦୀର୍ଘ ସପ୍ତାହ୍ୟାପୀ ଚାଲିଥିବା ମା' ବନ ଦୁର୍ଗା ଡାୟନମିକ କ୍ଲବ ଆଡିପଡ଼ା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି ।ଏହି ମ୍ୟାଚରେ ଟେମ୍ପଲ ସିଟି ୱାରିୟର୍ସ ଓ ରୋଶନ ଚେଲେଞ୍ଜର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ପ୍ରଥମେ ଟସ ଜିତି ଟେମ୍ପଲ ସିଟି ୱାରିୟାର୍ସ ଦଳ ବ୍ୟାଟିଂର ନିଷ୍ପତି ନେଇ ନିର୍ଦ୍ଧାରିତ ୧୨ଓଭରରେ ୭ଉଇକେଟ ବିନିମୟ ରେ ୧୬୦ ରନ ସଂଗ୍ରହ କରିଥିଲା ।ଏହାର ଜବାବରେ ରୋଶନ ଚେଲେଞ୍ଜର ୧୨ଓଭର ଖେଳି ୬ଉଇକେଟ ବିନିମୟରେ ମାତ୍ର ୧୪୨ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇପାରି ଥିଲେ ।ଫଳରେ ଟେମ୍ପଲ ସିଟି ୱାରିୟାର୍ସ ଦଳ ଚଳିତ ବର୍ଷର ବିଜେତା ହୋଇଛି । ଏହି ଟୁର୍ନାମେଣ୍ଟ ରେ ମୁଖ୍ୟ ଅତିଥି ଭାବରେ ବିଜୁ ମହିଳା ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ଅଭିଭାଷଣ ରେ ଖେଳ ସୁନ୍ଦର ସ୍ୱାସ୍ଥ୍ୟ, ମାନସିକ ସ୍ଥିରତା, ଏକାଗ୍ରତା ଏବଂ ଭାଇଚାରା ଭାବସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ । ଶ୍ରୀମତୀ ମହାପାତ୍ର ବିଜେତା ଓ ଉପବିଜେତା ଦଳକୁ ଟ୍ରଫିସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ କ୍ଷ ସଭାପତି ପ୍ରକାଶ ରାଉତ, ସମ୍ପାଦକ ସୁରୀୟ କାନ୍ତ ବିଶ୍ୱାଳ ଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଏହି ମ୍ୟାଚ କୁ ଆଲୋକ ସାମନ୍ତସିଂହାର ଏବଂ ସୁମନ୍ତ ବିଶ୍ୱାଳ ପରିଚାଳନା କରିଥିଲ କ୍ଷ ମ୍ୟାନ ଅଫ ଦି ମ୍ୟାଚ ଭାବରେ ଶୁଭମ ସାମନ୍ତସିଂହାର ଓ ମ୍ୟାନ ଅଫ ଦି ସିରିଜ ଭାବରେ ଚିନା ଅରିସଲ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଟୁର୍ନାମେଣ୍ଟ ରେ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ରାଜା ମହାପାତ୍ର ଏବଂ ମହେନ୍ଦ୍ର ଅରିସଲ ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ

## ନୂଆ ବର୍ଷ ରେ ରିଲିଜ ହେଲା ଜଗନ୍ନାଥଙ୍କ ଭଜନ 'ତୁମେ ଅସୀମ ଅନନ୍ତ ହେ ଜଗନ୍ନାଥ'



ନୂଆ ବର୍ଷ ଅବସରରେ ଦୀପାଞ୍ଜଳୀ ମ୍ୟୁଜିକ୍ ରେ ବାବୁ ବାବୁ ଙ୍କ ନିର୍ଦ୍ଦେଶନାରେ ରିଲିଜ୍ ହୋଇଛି ପ୍ରଭୁ ଜଗନ୍ନାଥଙ୍କ ଏକ ସୁନ୍ଦର ଭଜନ 'ତୁମେ ଅସୀମ ଅନନ୍ତ ହେ ଜଗନ୍ନାଥ' ଯେଉଁ ଗୀତ ଟିରେ ଖୁବ୍ ସୁନ୍ଦର ଭାବେ ଅଭିନୟ କରିଛନ୍ତି ଦିବ୍ୟ ଓ ଦୀପାଞ୍ଜଳୀ । ତାହା ସହ ଜୟଦେବ ମିଶ୍ର ଗୀତ ଟିକୁ କଣ୍ଠଦାନ କରିଥିବା ସହ ସଙ୍ଗୀତ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି । ଖୁବ୍ ସୁନ୍ଦର ଭାବେ ଭାବପୂର୍ଣ୍ଣ ହୋଇ ଗୀତଟି କୁ ଲେଖିଛନ୍ତି ଜିତେନ୍ଦ୍ର ଜେନା । ଏଣୁ ନିର୍ଦ୍ଦେଶକ ବାବୁ ବାବୁ ଙ୍କ ବହୁଗୁଡିଏ ସଫଳତା ପରେ ନୂଆ ବର୍ଷ ରେ ଏକ ନୂଆ ପ୍ରୟାସ ଯାହା କି ଦର୍ଶକ ମାନଙ୍କ ହୃଦୟ କୁ ଏହି ଗୀତ ମାଧମରେ ଛୁଇଁ ପାରିବ । ଏଥିସହ ଏହି ଗୀତ ଟି ଶ୍ରୀକ୍ଷେତ୍ର ଧାମ ପୁରୀ ରେ ବିଭିନ୍ନ ସ୍ଥାନରେ ସୁଟିଂ ହେବା ସହ ପୁରୀ ମନ୍ଦିର ସାମ୍ନା ରେ କିଛି ଦୃଶ୍ୟ ଦର୍ଶକ ମାନଙ୍କ ମନକୁ ଜିଣିବ । ଏଣୁ ଖାଲି ଏହି ନୂଆ ବର୍ଷ ନୁହେଁ ସବୁସମୟରେ ଏହି ଭଜନ ଟି ଦର୍ଶକ ମାନଙ୍କ ହୃଦୟ ରେ ରହିବ ।

## ବିକାଶ ପରିଷଦ ଶ୍ରୀକ୍ଷେତ୍ର ଓ ବରୁଣେଇ ଶାଖା ଉଦଘାଟିତ

ଖୋର୍ଦ୍ଧା, (୩/୧ ନି.ପ୍ର) : ସମୃଦ୍ଧ,ପ୍ରଗତିଶୀଳ ଭାରତ ବର୍ଷ ଗଠନ ପାଇଁ ସେବା, ସମନ୍ୱୟ ଓ ସମର୍ପଣ ଦରକାର ଓ ବିକଶିତ ଭାରତ ପରିକଳ୍ପନା ଦିଗରେ ସମସ୍ତଙ୍କ ସ?ହଭାଗିତା ଜରୁରୀ । ବିଭିଧତା ଭରା ଭାରତବର୍ଷର ଏକତା, ସଂହତି ହେଉଛି ଏହାର ପରିଚୟ । ଭାରତ ଆଗାମୀ ୨୦୪୭ ସାଧନତାର ଶତାବ୍ଦି ବର୍ଷରେ ପଦାର୍ପଣ କରିବେ । ନିଜ ମାଟି, ଗାଁ, ସହର, ପ୍ରଦେଶକୁ ବିକଶିତ କରିବାକୁ ହେବ । ବିଶ୍ୱବନ୍ଦନୀୟ, ତଥା ବିକଶିତ ରାଷ୍ଟ୍ର ନିର୍ମାଣରେ ସମସ୍ତଙ୍କ ଆବଶ୍ୟକତା ରହିଛି ବୋଲି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର ହରିହର ହୋତା କହିଛନ୍ତି । ପୁରୀ ବଡଶଙ୍ଖ ସ୍ଥିତ ତ୍ରିମୂର୍ତ୍ତି ହାଇଟସ୍ ହୋଟେଲ ସମ୍ମିଳନୀ କକ୍ଷରେ ଭାରତ ବିକାଶ ପରିଷଦ ପୂର୍ବ ପ୍ରାନ୍ତର ଶ୍ରୀକ୍ଷେତ୍ର ଶାଖା ଏବଂ ଖୋର୍ଦ୍ଧା ବରୁଣେଇ ଶାଖା


ଉତ୍କଳ ସମାଚାର
THE UTKAL SAMACHAR
( A Odiya Daily News paper)
PUBLISHED FROM ROURKELA, SAMBALPUR, & BHUBANESWAR
FOR NEWS AND ADVERTISEMENT CONTACT AT:
CITY OFFICE: B/204, SECTOR-16,
ROURKELA , PH:0661-2646999
PRAKASH KUMAR DHAL (EDITOR)
MOB: 9439951525
Email: utkalsamachar@gmail.com


## ସୂର୍ଯ୍ୟ ମନ୍ଦିରରେ ଅଣଓଡ଼ିଆ ଅଧିକାରୀଙ୍କ ମନମାନି

କୋଣାର୍କ (୩/୧ ନି.ପ୍ର):- ୨୦୨୩ ମସିହାର ରବିବାର ଶେଷଦିନ ହୋଇଥିବା ବେଳେ କୋଣାର୍କ ସୂର୍ଯ୍ୟମନ୍ଦିରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମନ୍ଦିର ପ୍ରବେଶ ଶୁଳ୍କ ପାଇଁ ଉଭୟ ଅନଲାଇନ ଓ ଅଫ ଲାଇନ୍ ଟିକେଟର ବ୍ୟବସ୍ଥା ରହିଥିବା ବେଳେ କିଛି ଅଣଓଡ଼ିଆ ଅଧିକାରୀଙ୍କ ମନମାନି ଯୋଗୁଁ ପର୍ଯ୍ୟଟକ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି।ଏପରିକି ଟିକେଟ କାଟିବା ପାଇଁ ପର୍ଯ୍ୟଟକ ମାନେ ଘଣ୍ଟା ଘଣ୍ଟା ଧରି ଖରାରେ ଠିଆ ହୋଇ ରହିଥିବା ବେଳେ ସେମାନଙ୍କୁ ସାମାନ୍ୟତମ ମୌଳିକ ସୁବିଧା ନମିଳିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ମନ୍ଦିର ପରିଦର୍ଶନ ନକରି ଫେରିଯାଉଥିବା ଦେଖିବାକୁ ମିଳିଛି। ଏପରିକି ପର୍ଯ୍ୟଟକ ମାନଙ୍କୁ ଅଧିକାରୀ ମାନଙ୍କ ଦ୍ୱାରା ନିଯୁକ୍ତ କିଛି ତଳିଆ କର୍ମଚାରୀ ମାନେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଅଣଓଡ଼ିଆ ଅଧିକାରୀମାନେ ନିଜର କିଛି ସମ୍ପର୍କୀୟଙ୍କୁ ମନ୍ଦିର ଗେଟରେ ନିୟୋଜିତ କରି ଟିକେଟକୁ ବ୍ଲାକ କରି ପର୍ଯ୍ୟଟକ ମାନଙ୍କୁ ଶୋଷଣ କରୁଥିବା ଗୁରୁତର ଅଭିଯୋଗ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ବିବିଧା

## କ୍ୟାରିୟର୍ ପାଇଁ ମେଣ୍ଟରଙ୍କ ଭୂମିକା



## ଫିଜିକାଲ୍ ଏଜୁକେଶନ୍





## କ୍ରସ୍ ୱାର୍ଡ ପଜଲ୍ ଅଭ୍ୟାସ



## ଘରେ 'ଅଫିସ୍ ଚିନ୍ତା' ନେତୃତ୍ୱ ପାଇଁ ଶୁଭଙ୍କର ନୁହେଁ



## ଗଣିତର ସର୍ଟକଟ୍ କୌଶଳ ଆପଣାନ୍ତୁ...



## ବିନା ତାଲିମରେ ସୁଦକ୍ଷ ଚିତ୍ରକର

# ଗବେଷଣାକୁ ପ୍ରୋତ୍ସାହିତ କରୁଛି ଚିତ୍ର





ଯୁବ ପ୍ରତିଭା





ଉତ୍କଳ ସମାଚାର

## ସମ୍ପାଦକୀୟ...

**ଗୁରୁବାର ୪ ଜାନୁଆରୀ ୨୦୨୪**

# ବିଦେଶୀ ଅନୁଦାନ ଓ ଲଗାମ୍

ଭାରତରେ ଏକ ସମ୍ବେଦନଶୀଳ ପ୍ରସଙ୍ଗ ହେଉଛି ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ଆଇନ- ଏଫ୍‌ସିଆର୍‌ଏ । ସମାଜର ତୃଣମୂଳ ସ୍ତରରେ ଜନକଲ୍ୟାଣମୂଳକ କାର୍ଯ୍ୟ କରୁଥିବା ଗ୍ରହଣ କରୁଥିବା କେତେକ ଏନ୍‌ଜିଓ (ଅଣସରକାରୀ/ ସ୍ୱେଚ୍ଛାସେବୀ ଅନୁଷ୍ଠାନ) ବିଦେଶର ବିଭିନ୍ନ ରାଷ୍ଟ୍ରରୁ ଏହି ଉଦ୍ଦେଶ୍ୟରେ ଗ୍ରହଣ କରୁଥିବା ଅର୍ଥ ଏବଂ ଏହାର ଉପଯୋଗକୁ ନେଇ ବିଭିନ୍ନ ସମୟରେ ଆଲୋଚନା, ସମାଲୋଚନା ଇତ୍ୟାଦି ହୋଇଥାଏ ଯେଉଁଥିାଇଁ ୧୯୭୬ରୁ ଏହା ଆରମ୍ଭ ହେବା ପରଠାରୁ ଭିନ୍ନ ଭିନ୍ନ ସମୟରେ ଏହା ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ବିଭିନ୍ନ ଆଇନ କାନୁନ୍ ପ୍ରଣୟନ କରାଯାଇ ଆସିଛି । ପରିଣତିରେ ଭାରତ ଅନେକ କ୍ଷେତ୍ରରେ ବିଦେଶୀ ଅନୁଦାନ ଗ୍ରହଣକୁ କୋହଳ ଭାବରେ ଉନ୍ମୁକ୍ତ କରିଥିବା ବେଳେ ଏଫ୍‌ସିଆର୍‌ଏ ଅଧୀନରେ ଅନୁଦାନ ଗ୍ରହଣ କରିବା ବେଳକୁ ବେଳ କଠିନ ହୋଇଛି । ଆଉ ଏବେ ଏଇ କଠିନ ପଦ୍ଧତିରେ ଯୋଡ଼ି ହେବାକୁ ଯାଉଛି ନୂଆ ଏକ ଫର୍ଦ୍ଦ । କାରଣ, ସୋମବାର ଦିନ ବିନା ବିତର୍କରେ ଲୋକସଭାରେ ପାରିତ ହୋଇ ଯାଇଛି ଏନ୍‌ଜିଓମାନଙ୍କ ସମ୍ପର୍କିତ ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ସଂଶୋଧିତ (ଏଫ୍‌ସିଆର୍‌ଏ) ବିଲ୍ ୨୦୨୦, ଯାହାକୁ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି କୁହାଯାଇପାରେ । ଭାରତରେ ହାରାହାରି ତିନି ମିଲିଅନ୍ ଏନ୍‌ଜିଓ ରହିଛନ୍ତି । ଏମାନେ ନାଗରିକ ସମାଜର ଏକ ପ୍ରମୁଖ ଏବଂ ଗୁରୁତ୍ୱପୂର୍ଣ୍ଣ ଉପାଦାନ ବୋଲି କୁହାଯାଇପାରେ । ଏମିତି ନୁହେଁ ଯେ ଏମାନେ କୌଣସି ସମସ୍ୟାର ସମ୍ମୁଖୀନ ହୁଅନ୍ତି ନାହିଁ । ବରଂ ଅନେକ ସମୟରେ, ବସ୍ତୁତଃ ପ୍ରାୟ ପ୍ରତ୍ୟେକ ସମୟରେ ପ୍ରତିକୂଳ ପରିସ୍ଥିତିରେ ଏମାନଙ୍କୁ ସମାଜର ଉନ୍ନତି ନିମନ୍ତେ କାମ କରିବାକୁ ପଡ଼ିଥାଏ । ତୃଣମୂଳ ସ୍ତରରେ ଯେଉଁଠି ପ୍ରାୟତଃ ସରକାରୀ କଳର ଆଦୌ ଉପସ୍ଥିତି ନଥାଏ, ସେଠାରେ ଏମାନେ ସରକାରଙ୍କ ଉନ୍ନୟନମୂଳକ ଯୋଜନାଗୁଡ଼ିକୁ କାର୍ଯ୍ୟରେ ପରିଣତ କରିଥାନ୍ତି, ସେସବୁର ସଠିକ୍ ରୂପାୟନ ହେବା ଉପରେ କଡ଼ା ନଜର ରଖିଥାନ୍ତି । ସେମାନେ ମଧ୍ୟ ସମାଜର ଦଳିତ, ଅବହେଳିତ ବର୍ଗ ଏବଂ ସାମାଜିକ ଆନ୍ଦୋଳନଗୁଡ଼ିକ ସମ୍ପର୍କରେ ସ୍ୱର ଉତ୍ତୋଳନ କରିଥାନ୍ତି ଯାହା ସରକାରଙ୍କୁ ଲୋକମାନଙ୍କର ସମସ୍ୟାଗୁଡ଼ିକ ସମ୍ପର୍କରେ ଅବଗତ କରାଇବା ସହିତ ସରକାରଙ୍କର ଏଇ ଦୃଷ୍ଟିରୁ ସୁରକ୍ଷା କବଚ ପାଲଟି ଥାଆନ୍ତି ଯେ ଜନଅସନ୍ତୋଷ ଦାନା ବାନ୍ଧି ସରକାରଙ୍କ ବିରୋଧରେ ବିଦ୍ରୋହର ରୂ ନେଇ ନଥାଏ । ଅନ୍ୟଥା ବର୍ତ୍ତମାନ ସମୟରେ ସରକାରଙ୍କୁ ହୁଏତ ପ୍ରତି ଦିନ କୌଣସି ନା କୌଣସି ଶୋଭାଯାତ୍ରା, ଆନ୍ଦୋଳନ ଇତ୍ୟାଦି ପ୍ରତ୍ୟକ୍ଷ କରିବାକୁ ପଡୁଥାନ୍ତା । ଅନେକ ବର୍ଷ ଧରି ଏନ୍‌ଜିଓମାନେ ଅତି ସାମାନ୍ୟ ବା ଅନିୟନ୍ତ୍ରିତ ଭାବରେ କାମ କରି ଆସୁଥିଲେ । ଆତ୍ମଘୋଷିତ ସମିତିମାନଙ୍କ ପାଇଁ ପଞ୍ଜିକୃତ ହେବା ଆବଶ୍ୟକ ହେଉ ନଥିଲା ଏବଂ ଟ୍ରଷ୍ଟ୍ ଓ ଧାର୍ମିକ ସଂଗଠନଗୁଡ଼ିକ ସ୍ୱଚ୍ଛତା ଏବଂ ଆର୍ଥିକ ଯାଁ ବିନା କାମ କରୁଥିଲେ । ଧୀରେ ଧୀରେ ସେମାନଙ୍କୁ ନିୟନ୍ତ୍ରିତ କରାଯିବାର ପ୍ରକ୍ରିୟା ଆରମ୍ଭ ହେଲା । ସାଧାରଣ ବ୍ୟବସାୟିକ ପ୍ରତିଷ୍ଠାନ ଭଳି ଅଣ-ଲାଭକାରୀ କମ୍ପାନୀ ଧାରା ୨୫କୁ ଏନ୍‌ଜିଓମାନଙ୍କର ଆର୍ଥିକ କାରବାର ଏବଂ ପରିଚାଳନା ସହିତ ଯୋଡ଼ାଯିବା ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଥିଲା । ସମ୍ପ୍ରତି ଲୋକସଭାରେ ପାରିତ ହୋଇଥିବା ବିଲ୍‌ଟି ଏହାଠାରୁ ଆଉ ପାଦେ ଆଗକୁ ଯିବା ଆଶା କରାଯାଉଥିଲା ଏବଂ ତାହା ଉଚିତ ମଧ୍ୟ ହୋଇଥାନ୍ତା । କିନ୍ତୁ ତା' ପରିବର୍ତ୍ତେ ସଂଶୋଧିତ ବିଲ୍‌ଟି ଏନ୍‌ଜିଓମାନଙ୍କ ନିକଟକୁ ଆସୁଥିବା ବିଦେଶୀ ପାଣ୍ଠିକୁ ଅବରୁଦ୍ଧ କରିବାକୁ ଆଗେଇ ଆସିଛି । ଏଥିରେ ସନ୍ଦେହ ନାହିଁ ଯେ ବିଦେଶୀ ହେଉ କି ସ୍ୱଦେଶୀ ହେଉ ପାଣ୍ଠିର ଉତ୍ସ ଏବଂ ବିନିଯୋଗ ସମ୍ପର୍କରେ ଏନ୍‌ଜିଓମାନେ ସ୍ୱଚ୍ଛତା ଅବଲମ୍ବନ କରିବା ସପକ୍ଷରେ ସମସ୍ତେ କହିବେ ଏବଂ ତାହା କାମନା କରିବେ ମଧ୍ୟ । କିନ୍ତୁ ଏହି କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରଯିବା ଏବଂ ଏହା ଯାଁ କରିବା ନାମରେ ଅମଲାତନ୍ତ୍ରକୁ ହସ୍ତକ୍ଷେପ କରିବା ସହିତ ଉତ୍ପୀଡ଼ନ ଦେବା ଭିତରେ ଏକ ସୂକ୍ଷ୍ମ ରେଖା ରହିଛି । ସାମ୍ପ୍ରତିକ ବିଲ୍‌ର ଅଧିକାଂଶ ଅଂଶ ଏହି ରେଖାକୁ ଅତିକ୍ରମ କରି ଏନ୍‌ଜିଓମାନଙ୍କୁ ଲାଇସେନ୍ସ ରାଜ୍‌ର ପରିସର ଭିତରକୁ ଟାଣି ନେଇଥିବା ମନେହୁଏ । ଏହା ସମସ୍ତେ ଜାଣନ୍ତି ଯେ ସମସ୍ତ ଏନ୍‌ଜିଓ ଗୋଟିଏ ବର୍ଗର ନୁହନ୍ତି; ସେମାନଙ୍କ କାର୍ଯ୍ୟ ଭିନ୍ନିରେ ଏଗୁଡ଼ିକ ବିଭିନ୍ନ ପ୍ରକାରର ହୋଇଥାନ୍ତି । ତେଣୁ ଏମାନଙ୍କ ସମ୍ବନ୍ଧରେ କୌଣସି ନିୟମ କାନୁନ୍ କରିବା ସମୟରେ ସେସବୁ ଏମାନଙ୍କର ମୌଳିକ ନୀତି ଏବଂ ଆବଶ୍ୟକତା ସମ୍ବନ୍ଧୀୟ ହେବା ଉଚିତ । କିନ୍ତୁ ବର୍ତ୍ତମାନର ବିଲ୍‌ଟି ଏମାନଙ୍କର ଅଣ୍ଣୁସ୍ତରୀୟ ପରିଚାଳନା ଉପରେ ପ୍ରଶ୍ନ ଉଠାଇଛି । ଯେପରିକି ଏହା ନିଜର ପ୍ରଶାସନିକ ବ୍ୟୟ ବାବଦକୁ କେତେ ଖର୍ଚ୍ଚ କରିଛି, ସେ ସମ୍ପର୍କରେ ଏକ ଏନ୍‌ଜିଓ ଜଣାଇବା ଆବଶ୍ୟକ ହୋଇପାରେ, କିନ୍ତୁ ବ୍ୟୟର ସ୍ତର ସରକାରଙ୍କର ଜାଣିବା ନିହାତି ଦରକାର ହେବା ଉଚିତ ନୁହେଁ । ସେହିରି ଏନ୍‌ଜିଓ ଏନ୍‌ଜିଓ ମଧ୍ୟରେ ଅର୍ଥ ଦେଣନେଣ ଉପରେ କଟକଣା ଜାରି କରିବା ଏନ୍‌ଜିଓମାନଙ୍କ ସ୍ୱାଧୀନତା ଏବଂ କର୍ମ ଦକ୍ଷତା ଉପରେ ପ୍ରଭାବ ପକାଇବ, କାରଣ ଅନେକ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ବା ଅପରେଟିଂ ଏନ୍‌ଜିଓମାନଙ୍କ ଦ୍ୱାରା କାର୍ଯ୍ୟ କରାଇଥାନ୍ତି ଯେଉଁଥିାଇଁ ସେମାନଙ୍କୁ ଅର୍ଥ ପ୍ରଦାନ କରିଥାନ୍ତି । ତେଣୁ ଏପରି କାରବାର ଉପରେ କଟକଣା ଜାରି କରାଯିବା କାର୍ଯ୍ୟଧାରା ଉପରେ ପ୍ରତିକୂଳ ପ୍ରଭାବ ପକାଇବ । ସେହିରି ଏଭଳି କାରବାର ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କ୍ ଜରିଆରେ କରାଯିବାକୁ ନିର୍ଦ୍ଧାରିତ କରିବା ପଛରେ କୌଣସି ତାର୍କିକ କାରଣ ଥିବା ଭଳି ମନେହୁଏ ନାହିଁ । ସମ୍ଭବତଃ ସରକାରଙ୍କ ମନରେ ଧାରଣାଟିଏ ସୃଷ୍ଟି ହୋଇଛି ଯେ ବିଦେଶୀ- ପାଣ୍ଠିରି ଦ୍ୱାରା ପରିଚାଳିତ ଏନ୍‌ଜିଓଗୁଡ଼ିକ ଦେଶ ପାଇଁ ବିଦ । ଏପରି ହେବାର ସମ୍ଭାବନା କ୍ଷୀଣ । ଅତୀତରେ କେତେକ ଏନ୍‌ଜିଓଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରାଯାଇଛି; କେତେକଙ୍କୁ କଳା ତାଲିକାଭୁକ୍ତ କରାଯାଇଛି । ୨୦୧୧ରୁ ୨୦୧୯ ମଧ୍ୟରେ ଅନୁଦାନ ଗ୍ରହଣକାରୀ ଅନୁଷ୍ଠାନଗୁଡ଼ିକଙ୍କ ମଧ୍ୟରୁ ୧୯ ହଜାର ଅନୁଷ୍ଠାନଙ୍କ ପଞ୍ଜିକରଣକୁ ରଦ୍ଦ କରାଯାଇଥିଲା । ଏସବୁରୁ ଜଣାପଡ଼େ ଯେ ପ୍ରଚଳିତ ଆଇନ ଅନୁସାରେ ସରକାରମାନେ ଏନ୍‌ଜିଓମାନଙ୍କୁ ଆସୁଥିବା ବିଦେଶୀ ଅନୁଦାନ ଉପରେ ତୀକ୍ଷ୍ଣ ନଜର ରଖି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆସିଛନ୍ତି । ତେଣୁ କିଛି ବୁଦ୍ଧିଜୀବୀ ଏହା ପଛରେ ରାଜନୀତିକ ପ୍ରତିଶୋଧ ପରାୟଣତା ରହି ଥିବାର ବାସ୍ନା ବାରୁଛନ୍ତି ।

# ଦେଶ କାନ୍ଦୁଛି – ଶୁଣୁଛି କି ଜାତି ?

## ମାୟାଧର ନାୟକ

କିଏ ଶୁଣୁଛି ଘାଟିମୁଲକର ଘାଏଲ୍ ଜୀବନ କଥା ? ଏ ଦେଶର ଶାସନ, ପ୍ରଶାସନ ଯେତେବେଳେ ଆସନର ଭାଗବଂଟା ଆଉ ଭୋଗବଂଟାଠାରୁ ଆରମ୍ଭକରି ବିଭିନ୍ନ ଶୈଳୀର ବିଳାସବ୍ୟସନରେ ବ୍ୟସ୍ତ, ରାଜନୈତିକ ଦଳ ସମେତ ନିର୍ବାଚିତ ନେତାମାନେ ମଧ୍ୟ ନିଜ ନିଜ ଦଳୀୟ ଓ ବ୍ୟକ୍ତିଗତ ସ୍ୱାର୍ଥସାଧନରେ ମସ୍ତ – ମାଟିର ମଣିଷ, ଖଣିଖାଦାନ୍‌ର ମଜଦୁର୍ ତଥା କୃଷକ, ଶ୍ରମିକ ଓ ଦରିଦ୍ର ଦୁର୍ଗତ ଦଳିତ ବର୍ଗର ଆଶାଆକାଂକ୍ଷା ଆତଙ୍କର ଅପଛାୟାରେ ରାହୁଗ୍ରସ୍ତ; ପ୍ରବଂଚିତ ଜନସାଧାରଣଙ୍କ ଅବଦମିତ ଅଶାନ୍ତି ଓ ଅସନ୍ତୋଷ ଘରେଘରେ ଭବିଷ୍ୟତର ପ୍ରଚଣ୍ଡ ବିଦ୍ରୋହର ପ୍ରସ୍ତୁତି ପାଇଁ ପୂର୍ଣ୍ଣ ପ୍ରଜ୍ୱଳିତ – ସେତେବେଳେ ଜୀବନସଂଗ୍ରାମର ସ୍ୱାଧୀନତା ଦାବୀରେ ଅଗ୍ନିଗର୍ଭ ଆନ୍ଦୋଳନ । ଏ କରୋନା ମହାମାରୀ ସମୟରେ ସକାଳୁ ଉଠି ମୋବାଇଲ ଧରିବାକୁ ଭୟ ଲାଗୁଛି । ସମ୍ବାଦପତ୍ରରେ ଆଖି ବୁଲାଇଲେ ଗତରାତିର ଭୟଙ୍କର ଦୃଶ୍ୟମାନ ବଡବଡ ହରଫରେ ନାଚିଯାଉଛି । ଚାରିଆଡେ ହାହାକାର । ନାହିଁନାହିଁର ଆର୍ତଚିତ୍‌କାର । ଟିକା, ଅମ୍ଳଜାନ, ଭେଂଟିଲେଟର, ଜୀବନରକ୍ଷାକାରୀ ଔଷଧ ଅଭାବ । ହସ୍‌ପିଟାଲରେ ବେଡ୍, ଆଇ.ସି.ୟୁ ଅଭାବ । ଶବ ପୋତିବାକୁ ମଶାଣି ଅଭାବ । ଜୀବନ ରକ୍ଷା ପାଇଁ ଜୀବିକା ଉଚ୍ଛନ୍ନ । କି ଧନୀ କି ଗରିବ ସମସ୍ତେ କାନ୍ଦୁଛନ୍ତି । ଶୁଣିବ କିଏ ? ମିଛ ପାଖେ ସତ ବନ୍ଧା ପଡିଛି । ଘୋର କଳିକାଳରେ ମାଳିକାବଚନ ସତ ହେବାକୁ ବସିଛି । ୬୦୦ ବର୍ଷ ତଳେ ଯେଉଁ ସବୁ ମାଳିକାରେ ଭବିଷ୍ୟତବାଣୀ କରାଯାଇଥିଲା – ସେ ସବୁ ଘଟଣା ଅଘଟଣା ଘଟିଚାଲିଛି । ଅଜଣା ଭବିଷ୍ୟତରେ ଲୋକେ ଥରହର । କିଏ ଶୁଣୁଛି – କାହା କଥା ? ଏଇ ଲେଖକ ସାରା ବିଶ୍ୱକୁ ୩ଟି ପ୍ରସ୍ତାବ ଦେଇଥିଲା । କରୋନା ମହାମାରୀକୁ ଅନ୍ତର୍ଜାତୀୟ ବିପତି ଘୋଷଣା – ବିଶ୍ୱର ସବୁ ସରକାର ଏକହେବା ଏବଂ ଧନୀକଶ୍ରେଣୀ ତାଙ୍କ ସମ୍ପତିରୁ ସ୍ୱଇଛାରେ ଅଧା ଦାନ କରିବା । ଏ କଥାକୁ ଶୁଣିବ କିଏ ? ଆମ ଜୀବନ ଏବେ ଗଳ୍ପ ବିରଳ । ବୈଠକଖାନାରେ ସେ ବନ୍ଧୁତ୍ୱପୂର୍ଣ୍ଣ ଗଳ୍ପର ଉଷ୍ମୁମ୍ ଆସର ନାହିଁ କି ଶୟନକକ୍ଷରେ ସେ ଦାମ୍ପତ୍ୟଜୀବନର ମୃଦୁମଧୁର ଗଳ୍ପାଳପର ଅନ୍ତରଙ୍ଗ ଅବସର ନାହିଁ । ଯଦିବା ଅଛି, ତୁଳନାତ୍ମକ ଭାବରେ ତିରିଶଚାଳିଶ ବର୍ଷ ତଳର ସେ ପୂର୍ବ ପର୍ଯ୍ୟାୟଠାରୁ ଶୋଚନୀୟ ତାର ହ୍ରାସପ୍ରାପ୍ତିର ହାର । ଅନ୍ୟର କଥା ଆମେ ଆଖିବାଟେ ଶୁଣୁଛୁ – କାନବାଟେ ଶୁଣି ମନ ଭିତରକୁ ତାହା ଭେଦିପାରୁ ନାହିଁ । ଆମର କଥା ଅନ୍ୟର ଧୈର୍ଯ୍ୟପରୀକ୍ଷାରେ ଅନୁତୀର୍ଣ୍ଣ । ଅର୍ଥାତ୍ ବର୍ତମାନର ସମାଜରେ କେହି କାହାରି କଥା ଶୁଣୁନାହାନ୍ତି କହିଲେ ଚଳେ । ଏପରିକି ଟିକିଏ ଅବଧାନକୁ ଆଣି ଅନୁଭବ କଲେ ବେଶ୍ ବୁଝିହେବ କଥାଟାକୁ । ରୋଗୀ କହୁଛନ୍ତି ଡାକ୍ତର ଶୁଣୁନାହାନ୍ତି, ଚାଷୀମୂଲିଆ ପାଟି କରୁଛନ୍ତି ମାଲିକେ କାନରେ ପଟି ବାନ୍ଧିଛନ୍ତି, ମାଷ୍ଟ୍ରେ ପଢାଉଛନ୍ତି ଛାତ୍ରୀଛାତ୍ରେ ମନ ଦେଉନାହାନ୍ତି, ମହକିଲ ବିକଳ ହେଉଛନ୍ତି ଓକିଲ ତାରିଖ ଗଡଉଛନ୍ତି, ସାମ୍ବାଦିକ ପଚାରୁଛନ୍ତି ଥାନାବାବୁ ଆଡେଇଯାଉଛନ୍ତି, ଜନତା ଚିଲଉଛନ୍ତି ନେତା ବିଲିବିଲଉଛନ୍ତି – ଇତ୍ୟାଦି । ମୋଟାମୋଟି ଏଇ ହେଉଛି ଅବସ୍ଥା । ପଡିଶାଘରୁ କାନ୍ଦବୋବାଳି ଶୁଭିଲେ ଆମ ଘରର ତାଟିକବାଟ ପଡିଯାଉଛି । ସଡକ-ଦୁର୍ଘଟଣାର ଅସହାୟ ଶିକାର କି ତାର ମୁମୂର୍ଷୁ ସାଥୀ ଯେତେ ନେହୁରା ହୋଇ ଡାକ ପକାଇଲେ ବି ପାଖ କାଟି ଆଗକୁ ଛୁଟିଯାଉଛନ୍ତି ଛୋଟବଡ ଯାନଚାଳକ । କମ୍ପାନୀର ଛଟେଇ କର୍ମଚାରୀ ହକ ମାଗିଲେ ଶୁଣୁ ନାହାନ୍ତି ପରିଚାଳକ । କିଏ ଶୁଣୁଛି ? ଦେଶ କାନ୍ଦୁଛି – ଶୁଣୁଛି କି ଜାତି ? ମଣିଷ କାନ୍ଦୁଛି – ଶୁଣୁଛନ୍ତି କି ମଠ-ମନ୍ଦିର-ମସ୍‌ଜିଦ୍-ଗିର୍ଜା-ପାଗୋଡାର ଧର୍ମାଧିପତି ? ମାଆ କାନ୍ଦୁଛି – ଶୁଣୁଛନ୍ତି କି ସନ୍ତାନସନ୍ତତି ? କେହି କାହାରିଠୁ ପଦଟିଏ କଥା ଶୁଣୁନଥିବାର ଏ ପ୍ରକାର ଏକ ଜୀବନକ୍ଷେତ୍ରରେ ଆମର କଥାସବୁ କେନ୍ଦ୍ରଚ୍ୟୁତିର କମ୍ପନ କେବଳ । ଶବ୍ଦ ଶୁଭୁଛି, କିନ୍ତୁ ସ୍ୱରଗ୍ରହଣକାରୀ ପରିଧି ବାହାରେ । ଦୁଇଟି ବ୍ୟକ୍ତିଗତ ସଂପର୍କର ମୁହଁ ମଝିରେ ଖଣ୍ଡିଏ ଦିହାତଉଂଚ ଖବରକାଗଜର କୃତ୍ରିମ ଉଠାପାଚେରି – ନହେଲେ ଉପସ୍ଥିତ ଅତିଥିଙ୍କ କୁଶଳ ପ୍ରଶ୍ନର ଉତର ଶୁଣୁଛି ଅଭ୍ୟାଗତଙ୍କ ମୁହଁ ସାମ୍ନାର ଚଳନ୍ତା ଟେଲିଭିଜନ୍ – ନତୁବା ଇଆଡେ ମିନିଟିଏ କଥା ହେଲାବେଳେକୁ ସିଆଡେ ତୁହାକୁତୁହା ଡାକିଲାଣି ମୋବାଇଲ୍ । ଆଗର ଗଳ୍ପାଳପ ଏବର ଅଳ୍ପାଳାପରେ ଆସି ପହଂଚିସାରିଛି । ଏହା କୌଣସିମତେ ଆମର ଚେତନାସ୍ତରୀୟ ଏକ ବିବର୍ତନକୁ ସୂଚାଉନାହିଁ କି ସମୟୋଚିତ ପରିବର୍ତନକୁ ଦର୍ଶାଉନାହିଁ । ଏହା ଅମ ଆତ୍ମବଧିର ସାମାଜିକ ଜୀବନଶୈଳୀକୁ ସଂପୂର୍ଣ୍ଣ କବଳିତ କରିନେଇଥିବା ଏକ ଶୀତଳ ମାନସିକତାକୁ ହିଁ ମୋହର ମାରି ନିଶ୍ଚଳ ଚେତନାର ଚାରିକାନ୍ଥରେ ନିର୍ଜୀବ ପୋଷ୍ଟରମାନ ମାରିଚାଲିଛି । ଏ ସମୟ ଏକ ସମ୍ବେଦନଶୂନ୍ୟ ସମୟ । ପୁଞ୍ଜିବାଦୀ ଅର୍ଥନୀତିରୁ ଜଗତୀକରଣ ପର୍ଯ୍ୟନ୍ତ ପ୍ରସାରିତ ଶିଳ୍ପବିପ୍ଳବୋତର ଯେଉଁ ଆଧୁନିକ ସମୟଖଣ୍ଡରେ ଆମେ ବୈଷୟିକ-ବୈଜ୍ଞାନିକ ଅଭିବୃଦ୍ଧିର ପ୍ରଯୁକ୍ତି ବିଦ୍ୟାଭିତିକ ପୃଥିବୀଟିକୁ ପାଇଛୁ, ସେ ପୃଥିବୀ ଆମକୁ ଦେଇଛି ଈଶ୍ୱରହୀନ ଦେବାଳୟ, ମନୁଷ୍ୟହୀନ ଗୃହାଳୟ ଓ ମୂଲ୍ୟବୋଧହୀନ ପଣ୍ୟାଳୟ । ଏଇ ନଷ୍ଟତ୍ରିଭୁଜ ମଧ୍ୟରେ ଆମର ଜୀବନ କ୍ରମେ ଏକ ଜଟିଳ ଜ୍ୟାମିତିର ଅସ୍ପଷ୍ଟତା ଛଡା ଆଉ କ'ଣ ? ପୁରୁଣା ସମାଜର ପତିଆରା ଆଉ ପୂର୍ବସଂସ୍କୃତିର ପରମ୍ପରା ଆମ ବିଶ୍ୱାସର ବଳୟ ବାହାରେ କେବଳ ଏକ ସମାଜତାତ୍ତ୍ୱିକ ଓ ପ୍ରତ୍ନତାତ୍ତ୍ୱିକ ଅଧ୍ୟୟନ ମାତ୍ର । ଚିମିନିର କଳାଧୂଆଁ ସେପଟେ ଚାଷକ୍ଷେତର ସେଇ ଚକବନ୍ଦୀ ଚକଡା - ଅଖଭଙ୍ଗା ଶଗଡଗଡାର ଗାଁ । ସବାରିପାଲିଙ୍କିସବୁ ଜାଦୁଘରର ସାମଗ୍ରୀ । ଆଦିବାସୀର ଧନୁଶରଠାରୁ ଆରମ୍ଭ କରି ରାଜା-ମହାରାଜା-ବାଦ୍‌ଶା-ସୁଲତାନ୍ ଆଉ ଅତୀତର ସଂଗ୍ରାମୀ ବୀର-ବୀରାଙ୍ଗନାମାନଙ୍କର ଅସ୍ତ୍ରଶସ୍ତ୍ରସବୁ ମଧ୍ୟ ସେଇ ଜାଦୁଘରର ବଖରା ଭିତରେ ଆମ ସମାଧିସ୍ଥ ସାମରିକ ସଂସ୍କୃତିର ସ୍ଥାବର ସମ୍ପତି । ପୁରାତନ ଦେବଦେବୀମୂର୍ତିଠାରୁ ଆରମ୍ଭ କରି କୋହିନୂର ହୀରା ପର୍ଯ୍ୟନ୍ତ ଆମର ଅଚଳାଚଳ ଐତିହ୍ୟର ଅନେକ ସ୍ମାରକୀ ଦେଶରୁ ଚାଲାଣ ହୋଇସାରିଛି ବିଦେଶକୁ । ବେଳେବେଳେ ଖବରକାଗଜର ଏଇସବୁ ବିବରଣୀକୁ ନେଇ ଆମ ଆଧୁନିକ ବୈଠକୀଗଳ୍ପ ଗଡିଚାଲେ କପେ ଚା' ଥଣ୍ଡା ହେବାଯାଏଁ ବା ଖୁବ୍ ବେଶିରେ ଗୋଟାଏ ପେଗ୍ ବିଦେଶୀ ପାନୀୟର ଉଷ୍ମୁମ୍ ଆସର ଶେଷ ହେବାଯାଏଁ । ଆମ ଗଳ୍ପ ଏବେ କେବଳ ଖବରକାଗଜର ଖୋରାକକୁ ନେଇ ଖଣ୍ଡିଖଣ୍ଡି ଖୁଚୁରା ଆଳାପ କିଛି । ସେ ଅଳ୍ପାୟୁ ଆଳାପର ଆୟତନ ମଧ୍ୟରେ ଆମ ଆୟତ ବାହାରର ଅନେକ କଥା – କୋର୍ଟକଚେରୀ, ସରକାର, ପୁଲିସ୍, ଆତଙ୍କବାଦୀ, ସୀମାନ୍ତରେ ସାମରିକ ଶକ୍ତିପ୍ରଦର୍ଶନ, ପରମାଣୁ ବୋମା ପରୀକ୍ଷାଠାରୁ ଆରମ୍ଭ କରି ଗଣଧର୍ଷଣ, ରାସ୍ତା ଦୁର୍ଘଟଣା ଓ ଚିକିତ୍ସା ଅବହେଳାରୁ ଶିଶୁମୃତ୍ୟୁ ପର୍ଯ୍ୟନ୍ତ ବହୁ ବଡବଡ କଳାହରଫର ଶିରୋନାମାସବୁ ଆମକୁ ଯୋଗାଇଦିଏ ଆମ ମୌଖିକ ଚର୍ଚ୍ଚାର ଚର୍ବିତଚର୍ବଣ ମନ୍ତବ୍ୟ ଓ ମତଦାନର ସୁଯୋଗ । କିନ୍ତୁ ଶୁଣୁଛି କିଏ ? ଆଜି ଖଳନେତୃବର୍ଗଙ୍କ କଳା କାରସାଦିକୁ ନେଇ ଚହଳ ତ କାଲି ଗେରୁଆ ଖୋଳର ଗୁରୁବାବାମାନଙ୍କ ଫୁଙ୍ଗୁଳା ଫିସାଦିକୁ ନେଇ ଚମକ । ପହରଦିନ ପୁଣି ବାଟରେ ଘାଟରେ ସିନେମାଷ୍ଟାର୍‌ମାନଙ୍କ ଫେସନ୍‌ଶୋ'କୁ ନେଇ ମସ୍‌ଗୁଲ୍ ମଜ୍‌ଲିସ୍ ତ ଦୋକାନବଜାରରେ କ୍ରିକେଟ୍ ହିରୋମାନଙ୍କ ବାହାଘର-ବୁହାଘରକୁ ନେଇ ସରଗରମ ଆଲୋଚନା । ବାଟଘାଟ, ଦୋକାନବଜାର, ବସଷ୍ଟାଣ୍ଡ – ଗୁଡିଏ ଗଳ୍ପାଳପର ଗହଳି । କିନ୍ତୁ ଆମ ଶୁନ୍‌ଶାନ୍ ସୌଖୀନ୍ ଘରସବୁ ଦୁଆରକିଳା । ସେଠି ଆଉ ଦୁଃଖସୁଖ ନାହିଁ - ଅନ୍ତରଙ୍ଗ ଭାବବିନିମୟର ସେ ଅକୃତ୍ରିମ ଅବସର ନାହିଁ - ପୁରୁଣା ପରଦା ପଛର ସେ ବ୍ୟକ୍ତିଗତ ପୃଥିବୀଟି କୁଆଡେ ହଜିଯାଇଛି କେବଠୁ । ଏଇ ହଜିଲା କଥାର ଖିଅକୁ ଖୋଜିଖୋଜି ଘଟଣା ଭିତରୁ ଛାଣିନେଇଆସେ ଚରିତ୍ରକୁ - ପୁଣି ବଦଳିଚାଲିଥିବା ସମାଜର ସୂତ୍ର ଧରିଧରି ପହଂଚିଯାଏ କେଉଁଠି ନା କେଉଁଠି କେଉଁ ବିଚିତ୍ର ପରିବେଶରେ । କେତେବେଳେ ଘଟଣା-ଚରିତ୍ର-ପରିବେଶ ତ ଆଉ କେତେବେଳେ ସ୍ଥାନ-କାଳ-ପାତ୍ରର ପରିସର ଭିତରୁ ମୁକୁଳିଆସେ ମାମୁଲି ମଣିଷ ... ଜନ ଓ ଜାତିର ଗୁଳ୍ମାଚ୍ଛଦିତ ଘନଘଟା ମଧ୍ୟରୁ ଉଙ୍କିମାରେ ଜର୍ଜରିତ ବ୍ୟକ୍ତି, ଯାହାକୁ ଆମେ ଆମ ସମାଜ ଓ ସାହିତ୍ୟର ମଧ୍ୟ ସ୍ୱର୍ଗରେ ଏବେ ବି ତ୍ରିଶଙ୍କୁ ସ୍ଥିତିରେ ରଖିଆସିଛେ ।

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ଫାଇଲେରିଆ ରୋଗର କାରଣ ଓ ନିରାକରଣ



ଫାଇଲେରିଆ ଗୋଟିଏ ପରଜୀବୀ ଜନିତ ରୋଗ । ଏହି ରୋଗର ପରଜୀବୀ (ପାରାସାଇଟ୍) ରୋଗୀ ଦେହରୁ ମଶା ଦ୍ୱାରା ସୁସ୍ଥ ଲୋକ ଶରୀରରେ ପ୍ରବେଶ କରି ପ୍ରଦାହ କରେ ଓ ରୋଗର ନିଦାନ ସୃଷ୍ଟି କରେ । ଏହି ତଥ୍ୟ ମହାନ୍ ବୈଜ୍ଞାନିକ ତଥା ଡାକ୍ତର 'ମାନ୍‌ସନ୍'ଙ୍କ ଦ୍ୱାରା ୧୮୮୦ ମସିହାରେ ପ୍ରମାଣିତ ହୋଇଥିଲା । ଏହା ପୂର୍ବରୁ ଏହି ରୋଗ ଜଳ ମାଧ୍ୟମରେ ପୋଖରୀରେ ଗାଧୋଇବା ସମୟରେ ସଂକ୍ରମିତ ହୁଏ ବୋଲି କୁହାଯାଉଥିଲା । ଏହାର ଜୀବାଣୁ ସଂକ୍ରମିତ ହେବା ପାଇଁ ମଶାର ଆବଶ୍ୟକତା ରହିଛି । ମଶା ଦେହରେ ପ୍ରବେଶ କରିବାର ୧୨ ଦିନ ପରେ ପରିପକ୍ୱ ହୋଇ ମଶା କାମୁଡ଼ିବା ଦ୍ୱାରା ସୁସ୍ଥ ଲୋକ ଦେହରେ ପ୍ରବେଶ କରେ । ତେଣୁ ମଶାର ପ୍ରାଦୁର୍ଭାବ ଓ ରୋଗ ସଂକ୍ରମଣ ପରସ୍ପର ପରିପୂରକ । ଯେଉଁ ସ୍ଥାନମାନଙ୍କରେ ପରିବେଶ ଅପରିଷ୍କାର, ପାଣି ଜମି ରହେ, ଜଳ ନିଷ୍କାସନର ବ୍ୟବସ୍ଥା ନଥାଏ, ସେହି ଅଂଚଳରେ ଏହି ରୋଗ ବେଶି ପରମାଣରେ ଦେଖିବାକୁ ମିଳେ । ମଶାମାନେ ୨୫ ଡ଼ିଗ୍ରୀ ସେଣ୍ଟ୍ରିଗ୍ରେଡ଼୍‌ରୁ ଅଧିକ ଉତାପରେ ମରିଯାଆନ୍ତି । ତେଣୁ ଖରାଦିନେ ମଶାର ସଂଖ୍ୟା କମିଯାଏ । ଏହି ଫାଇଲେରିଆ ମଶାମାନେ ଦିନରେ ଅନ୍ଧାରିଆ ସ୍ଥାନରେ ଲୁଚି ରହନ୍ତି । ସନ୍ଧ୍ୟାହେଲେ ବାହାରକୁ ଆସି କାମୁଡ଼ନ୍ତି । ଦିନସାରା ଅନ୍ଧାରିଆ ସ୍ଥାନରେ ଲୁଚି ରହନ୍ତି । ସନ୍ଧ୍ୟା ହେଲେ ବାହାରକୁ ଆସି କାମୁଡ଼ନ୍ତି । ଦିନସାରା ସେମାନେ ଭୋକିଲା ଥାଆନ୍ତି । ରାତିରେ ଖାଦ୍ୟ ଅନ୍ୱେଷଣରେ ଘୁରିବୁଲନ୍ତି । ସୁଯୋଗ ପାଇଲେ ମଣିଷ ରକ୍ତ ଖାଆନ୍ତି । ଫାଇଲେରିଆ ରୋଗର ଶିଶୁ ପରଜୀବୀମାନଙ୍କୁ ଶରୀର ଭିତରକୁ ଛାଡ଼ି ଦିଅନ୍ତି । ମଣିଷ ଶରୀରରେ ଛଅ ମାସ ରବିବା ପରେ ପରେ ସେମାନେ ବୟସ୍କ ପରଜୀବୀ ହୁଅନ୍ତି । ମଣିଷ ଶରୀରରେ ଛଅମାସ ରହିବା ପରେ ସେମାନେ ବୟସ୍କ ପରଜୀବୀ ହୁଅନ୍ତି । ଏହି ବୟସ୍କ ପରଜୀବୀ (ପୁରୁଷ ଓ ସ୍ତ୍ରୀ) ପରସ୍ପରକୁ ଆଲିଙ୍ଗନ କରି ଲସିକା ଗ୍ରନ୍ଥି ଓ ନଳୀ ମଧ୍ୟରେ ୧୦- ୧୨ ବର୍ଷ ପର୍ଯ୍ୟନ୍ତ ବଚିଂ ରହନ୍ତି । ସେମାନେ ଲକ୍ଷ ଲକ୍ଷ ପରଜୀବୀକୁ ଜନ୍ମ ଦିଅନ୍ତି । ସେହି ଶିଶୁ ପରଜୀବୀମାନେ ୧୨୦ ଦିନ ପର୍ଯ୍ୟନ୍ତ ମଣିଷ ରକ୍ତରେ ରାତିରେ ଘୁରିବୁଲନ୍ତି । ଦିନରେ ଫୁସ୍‌ଫୁସ୍ ଏବଂ ଲସିକା ଗ୍ରନ୍ଥି ମଧ୍ୟରେ ଲୁଚି ରହନ୍ତି । ସନ୍ଧ୍ୟା ସମୟରେ ମଶାମାନେ କାମୁଡ଼ିବା ଦ୍ୱାରା ଏହି ଶିଶୁ ପରଜୀବୀମାନେ ମଶା ଦେହକୁ ପ୍ରବେଶ କରନ୍ତି । ଏହିପରି ତାଙ୍କର ଜୀବନ ଚକ ସମ୍ପୂର୍ଣ୍ଣ ହୁଏ । ତେଣୁ ଫାଇଲେରିଆ ରୋଗର ସୃଷ୍ଟି ପାଇଁ ମଶାର ଆବଶ୍ୟକତା ଅନିବାର୍ଯ୍ୟ । ଏହି ରୋଗ ବଂଶଗତ ନୁହେଁ ଜିନ୍ ମାଧ୍ୟମରେ ଏହା ପିତାମାତାଙ୍କ ଠାରୁ ପିଲାମାନଙ୍କ ଶରୀରକୁ ଯାଏ ନାହିଁ; କିନ୍ତୁ ଗୋଟିଏ ପରିବାର ଅନେକ ବ୍ୟକ୍ତି ଏହି ରୋଗର ଶିକାର ହୁଅନ୍ତି । ଏହି ମଶାମାନେ ଘର ଅନ୍ଧାରୁଆ ସ୍ଥାନରେ ଲୁଚି ରହନ୍ତି । ଏମାନେ ମାଈ ମଶା । ମଣିଷ ରକ୍ତ ଖାଇ ବଚଂନ୍ତି । ଜଣକଠାରୁ ଅନ୍ୟ ଜଣକୁ ରୋଗ ସଂକ୍ରମଣ କରନ୍ତି । କେବଳ ଘର ଭିତରେଏମାନେ ରହୁଥିବାରୁ ପରିବାର ମଧ୍ୟରେ ରୋଗ ବିସ୍ତାର କରିବାରେ ସାହାଯ୍ୟ କରେ । ପୁରୁଷ ମଶା ରକ୍ତ ନ ଖାଇଗଛର କଅଁଳିଆ ପତ୍ର ଖାଏ । ସେ ଏହି ରୋଗର ବାହକ ନୁହେଁ । ଫାଇଲେରିଆର ନିଦାନ ବିଷୟରେ ଅନେକ ତଥ୍ୟ ରହିଛି । ଏହାକୁ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ମହାନ ଚିକିତ୍ସକ ଶୁଶ୍ରୁତ ଶ୍ଲୀପଦ ବୋଲି ଆଖ୍ୟା ଦେଇଥିଲେ । କାରଣ ଏହି ରୋଗରେ ପାଦ ଫୁଲି ପଥରପରି ଟାଣ ହୋଇଯାଏ । ବହୁ ପୂର୍ବରୁ ଏହି ବିକୃତ ପାଦ କୁଷ୍ଠ ରୋଗର କାରଣ ବୋଲି କୁହାଯାଉଥିଲା । ସେଥିପାଇଁ ସେହି ରୋଗୀମାନଙ୍କୁ ଗ୍ରୀସ୍ ଦେଶରେ ଗୀର୍ଜା ଭିତରକୁ ପ୍ରବେଶ ମନା ଥିଲା । ଏହି ରୋଗର ଲକ୍ଷଣଗୁଡ଼ିକ ହେଉଛି ହାତ ଓ ପାଦ ଫୁଲିବା, ହାଇଡ୍ରୋସିଲ୍ ବା ଅଣ୍ଡକୋଷ ବୃଦ୍ଧି, ଶୁକ୍ରବାହୀ ନଳୀର ପ୍ରଦାହ ହୋଇ ସଂକୋଚନ ହେବା, ସ୍ତ୍ରୀ ଲୋକମାନଙ୍କର ସ୍ତନବୃଦ୍ଧି, ଧଳା ଓ ରକ୍ତ ପରିସ୍ରା, ଛାତିରେ ଯନ୍ତ୍ରଣା, ନିଃଶ୍ୱାସ ନେବାରେ କଷ୍ଟ ଓ ସବୁବେଳେ ଥଣ୍ଡା ଲାଗିରହିବା ଇତ୍ୟାଦି । କେତେକ ରୋଗୀଙ୍କର ଛାତିରେ ଯନ୍ତ୍ରଣା ହୁଏ । ନିଃଶ୍ୱାସ ନେବାରେ କଷ୍ଟ ହୁଏ । ସେମାନେ ହାର୍ଟ ଆଟାକ ଭାବି ହୃଦ୍‌ରୋଗ ବିଶାରଦଙ୍କ ପାଖକୁ ଚିକିତ୍ସା ପାଇଁ ଯାଆନ୍ତି । ଡ଼ାକ୍ତର ଇ.ସି.ଜି. କରିବା ପରେ ହାର୍ଟର କୌଣସି ଦୋଷ ପାଆନ୍ତି ନାହିଁ । ରକ୍ତ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦିଅନ୍ତି । ରକ୍ତ ପରୀକ୍ଷାରୁ ଦେଖାଯାଏ ଯେ, ଇସୋନୋଫିଲ୍ ସଂଖ୍ୟା ବହୁ ପରିମାଣରେ ବଢ଼ିଯାଇଥାଏ । ଏହା ଫାଇଲେରିଆର କାରଣ । ଡି.ଇ.ସି. ବଟିକା ବ୍ୟବହାର କଲେ ରୋଗୀ ଆରୋଗ୍ୟ ହୁଏ । କେତେକ ରୋଗୀଙ୍କର ସବୁବେଳେ ଥଣ୍ଡା ଓ କାଶ ଲାଗି ରହେ । ଜୀବାଣୁଜନିତ ରୋଗ ଭାବି ଆଂ[ବାୟୋଟିକ୍ ଖାଆନ୍ତି; କିନ୍ତୁ ଉପଶମ ପାଆନ୍ତି ନାହିଁ । ରକ୍ତ ଭିତରେ ଶିଶୁ ପରଜୀବୀମାନେ ରହିଥିବାରୁ ନିଃଶ୍ୱାସ ନେବାରେ କଷ୍ଟ ହୁଏ । ଡି.ଇ.ସି. ଔଷଧ ଖାଇଲେ ରୋଗ ଭଲ ହୁଏ । ରକ୍ତ ପରିସ୍ରା ଓ ଦୁଧ ପରି ଧଳା ପରିଶ୍ରା ଫାଇଲେରିଆ ଲସିକା ଦେଖିବାକୁ ଦୁଧପରି । ଏହାକୁ କାଇଲ୍ କୁହନ୍ତି । ପରିସ୍ରା ପରୀକ୍ଷା କଲେ କାଇଲ୍ ଜଣାପଡ଼େ । ଏହା ମଧ୍ୟରେ ଶିଶୁ ପରଜୀବୀମାନେ ରହିଥାଆନ୍ତି । ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖିଲେ ମାଛ ଯାଆଁଳ ପରି ଘୁରି ବୁଲିଥାଆନ୍ତି । ପାଦ ଓ ହାତ ଫୁଲେ । ଏହି ଅଙ୍ଗକୁ ଆସିଥିବା ଲସିକା ନଳୀ ଭିତରେ ବୟସ୍କ ପରଜୀବୀ ଗୁଡ଼େଇ ହୋଇ ରହିଥାଆନ୍ତି । ଫଳରେ ଲସିକା ପ୍ରବାହରେ ବ୍ୟାଘାତ ଘଟେ । ଏହି ପରିଜୀବୀମାନଙ୍କ ଦେହରୁ ଏକ ରାସାୟନିକ ପାଣି ନିର୍ଗତ ହୁଏ । ଏହା ଲସିକା ନଳୀର ପ୍ରବାହ କରେ । ଥରକୁ ଥର ପ୍ରବାହ ହୋଇ ଭିତର ବାଟ ସଙ୍କୁଚିତ ହୋଇଯାଏ । ହାତ ଓ ଗୋଡ଼ରେ ଲମ୍ବା ହୋଇ ଶିର ମୋଟା ହୋଇଯାଏ । ନାଲିପଡ଼େ ଓ କୁଣ୍ଡେଇ ହୁଏ । ସାମାନ୍ୟ ଫୁଲେ । ଏହି ଲକ୍ଷଣଗୁଡ଼ିକ ରୋଗର ପ୍ରଥମ ଅବସ୍ଥାରେ ଭାଗିରଥୀ ସ୍ୱାଇଁ ଦେଖାଯାଏ । ଉପଯୁକ୍ତ ଚିକିତ୍ସା ନ କଲେ ଭଲ ହୁଏ ନାହିଁ । ପ୍ରଥମ ଅବସ୍ଥାରେ ଚିକିତ୍ସା କଲେ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୁଏ । କିଛି ଔଷଧ ନ ଖାଇଲେ ମଧ୍ୟ ଏହା ଆପେ ଆପେ କମିଯାଏ । ପୁଣି କିଛି ବ୍ୟବଧାନ ପରେ ଏହାର ଲକ୍ଷଣ ପ୍ରକାଶ ପାଏ; କିନ୍ତୁ ସମ୍ପୂର୍ଣ୍ଣ ଆରୋଗ୍ୟ ହେବାର ଆଉ ସମ୍ଭାବନା ନଥାଏ । ଲସିକା ନଳୀରେ ବାରମ୍ବାର ପ୍ରବାହ ହେବା ଫଳରେ ଏହାର ଭିତର ବାଟ ସରୁ ହୋଇଯାଏ । ଲସିକା ପ୍ରବାହ ବାଧାପ୍ରାପ୍ତ ହୁଏ । ଗୋଡ଼ କିମ୍ବା ହାତ ଫୁଲିଯାଏ । ପାଣି ନିର୍ଗତ ହୁଏ । ଚର୍ମରେ ଫୋଟକା ବାହାରେ । ଅତିଶୟ ଯନ୍ତ୍ରଣା ହୁଏ ଫୋଟକା ଫାଟି ସବୁବେଳେ ପାଣି ଝରେ । ହାଇଡ୍ରୋସିଲ୍ ଚର୍ମରୁ ମଧ୍ୟ ସେହିପରି ପାଣି ବାହାରେ । ଲାଲ ପଡ଼ିଯାଏ । ଏହି ସବୁ ନିଦାନର କାରଣ ହେଉଛି ପୂଜ ତିଆରି କରୁଥିବା ଜୀବାଣୁ । ଉପଯୁକ୍ତ ଆଟିଂବାୟୋଟିକ୍ ପୂର୍ଣ୍ଣ ମାତ୍ରାରେ ଇଂଜେକ୍ସନ ନେଲେ ୮-୧୦ ଦିନ ପରେ ପାଣି ବାହାରିବା ବନ୍ଦ ହୋଇଯାଏ । ଫୁଲା ଓ ଲାଲ କମିଯାଏ । ଯନ୍ତ୍ରଣା ଚାଲିଥାଏ । ଶେଷରେ ପୁରୁଣା ଚମ କାତି ଛାଡ଼ିଲା ପରି ବାହାରିଥାଏ ଓ ନୂଆ ଚମ ଦେଖାଯାଏ । ଏହି ସମୟରେ ଉପଯୁକ୍ତ ଚିକିତ୍ସା ନ କଲେ ଗୋଡ଼ର ସବୁଦିନ ପାଇଁ ଫୁଲା ରହିଯାଏ । ଯୁବକ ଅବସ୍ଥାରେ କେତେକ ବ୍ୟକ୍ତି ଏହି ରୋଗରେ ଆକ୍ରାନ୍ତ ହେଇ ସନ୍ତାନକ୍ଷମ ହୋଇପାରନ୍ତି ନାହିଁ । ଶୁକ୍ରବାହୀ ନଳୀ ଭିତର ବାଟ ସଂକୁଚିତ ହୋଇଯାଏ । ଫଳରେ ଅଣ୍ଡକୋଷରୁ ଶୁକ୍ରକୀଟ ନିର୍ଗତ ହୋଇପାରେ ନାହିଁ । ଏହା ଦାମ୍ପତ୍ୟ ଜୀବନରେ ଯବନିକା ଟାଣିଦିଏ । ଅବିବାହିତ ଝିଅର ଗୋଡ଼ କିମ୍ବା ହାତ ଫୁଲିଥିଲେ ବିବାହ କଷ୍ଟକର ହୋଇପଡ଼େ । ଏହା ଏକ ସାମାଜିକ କଳଙ୍କ ଝିଅ ପିତାମାତାଙ୍କର ବୋଝ ହୋଇପଡ଼େ । ରୋଗ ଆରମ୍ଭ ଅବସ୍ଥାରେ ଉପଯୁକ୍ତ ଚିକିତ୍ସା କଲେ ଏହି ବ୍ୟାଧିରୁ ରକ୍ଷା ମିଳେ । ତେଣୁ ସାମାଜିକ ସଚେତନତା ଆବଶ୍ୟକ । ରୋଗୀମାନଙ୍କର ପୂର୍ଣ୍ଣମୀ, ଅମାବାସ୍ୟା ଓ ସଂକ୍ରାନ୍ତି ବିପଦ ଘଟିଂ । ଏହି ସମୟରେ କମ୍ପ ଓ ଜ୍ୱର ହୁଏ । ଗୋଡ଼ ହାତ ବିନ୍ଧା ହୁଏ । ଅଧିକ ଫୁଲା ହୁଏ । ମେଲେରିଆ ପରି ଲକ୍ଷଣ ପ୍ରକାଶ ପାଏ । ଉପଯୁକ୍ତ, ନିୟମିତ ଏବଂ ବହୁଦିନ ଚିକିତ୍ସାରେ ରହିଲେ ଏହି ସମସ୍ୟା ରହେ ନାହିଁ । ଶରୀରର ଓଜନ ଷାଠିଏ ପ୍ରତିଶତ ପାଣି । ପୂର୍ଣ୍ଣମୀ ଓ ଅମାବାସ୍ୟାରେ ଜୁଆର ଆସେ । ଚନ୍ଦ୍ରର ମାଧ୍ୟାକର୍ଷଣ ଶକ୍ତି ଏହି ଜୁଆର ସୃଷ୍ଟି କରେ । ସେହି ଶକ୍ତି ମନୁଷ୍ୟ ଶରୀରରେ ଥିବା ପାଣିକୁ ହଲାଇ ପକାଏ । ଫାଇଲେରିଆର ପରଜୀବୀ ଲସିକା ପାଣି ଭିତରେ ଶୋଇ ରହିଥାଆନ୍ତି । ଏମାନଙ୍କର ଲମ୍ବ ତିନି ଚାରି ଇଂଚ । ଛୋଟ ସାପ ପରି ଏମାନେ ଗୁଡ଼େଇ ହୋଇ ରହିଥାଆନ୍ତି । ଲସିକାରେ ଢ଼େଉ ସୃଷ୍ଟି ହେବାରୁ ଏହି ସୁପ୍ତ ପରଜୀବୀମାନେ ଉତ୍ତେଜିତ ହୋଇ ଉଠନ୍ତି । ସାପ ଉତ୍ତେଜିତ ହେଲେ ଗରଳ ନିର୍ଗତ କଲାପରି ଏମାନଙ୍କର ଦେହରୁ ଏକ ବିଷାକ୍ତ ରାସାୟନିକ ପଦାର୍ଥ ନିର୍ଗତ ହୁଏ । ଏହା ଶରୀରରେ ପ୍ରବାହ ସୃଷ୍ଟି କରେ, ଜ୍ୱର ଆସେ, ବିନ୍ଧା ହୁଏ, କୁଣ୍ଡେଇ ହୁଏ ଏବଂ ଗୋଡ଼ ହାତ ଫୁଲେ । ତେଣୁ ଏହି ରୋଗର ପୂର୍ଣ୍ଣମୀ, ଅମାବାସ୍ୟା ସହିତ ସମ୍ପର୍କ ରହିଛି । ଏହି ରୋଗରୁ ରକ୍ଷା ପାଇବାକୁ ହେଲେ ମଶାଠାରୁ ଦୂରେଇ ରହିବାକୁ ପଡ଼ିବ । ପରିବେଶ ପରିଷ୍କାର ରହିବା ଆବଶ୍ୟକ । ନାଳ ନର୍ଦ୍ଦମା ସଫା କରିବା ଉଚିତ୍ । ରାତିରେ ମଶାରୀ ବ୍ୟବହାର ବିଧେୟ । ଘର ଚାରିପାଖରେ ପାଣି ଜମି ରହିଲେ ମଶାମାନେ ଅଣ୍ଡାଦେଇ ବଂଶବୃଦ୍ଧି କରିବେ । ଅନ୍ଧାରୁଆ ସ୍ଥାନରେ ମଶାମାନେ ଲୁଚି ରହନ୍ତି । କୀଟନାଶକ ଔଷଧ ସେହି ସ୍ଥାନରେ ସ୍ପ୍ରେ କରିବା ଉଚିତ୍ । ସପ୍ତାହରେ ଥରେ ଗୋଟିଏ ଡି.ଇ.ସି. ବଟିକା ଖାଇଲେ ରକ୍ତରେ ଥିବା ଶିଶୁ ପରଜୀବୀମାନେ ମରିଯାଆନ୍ତି । ଏହି ରୋଗର ନିରାକରଣ ପାଇଁ ଗୋଟିଏ ଅଂଚଳର ପ୍ରତ୍ୟେକ ବ୍ୟକ୍ତି ୩ଟି ଡି.ଇ.ସି. ବଟିକା ଏକାଥରେ ଖାଇଲେ ରୋଗର ବାହକମାନଙ୍କ ରକ୍ତରୁ ଶିଶୁ ପରଜୀବୀମାନେ ମରିଯାଆନ୍ତି । ଫଳରେ ରୋଗର ସଂକ୍ରମଣ ପ୍ରାଦୁର୍ଭାବ ଦୂର ହୁଏ । ଏହି ପଦ୍ଧତି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଦ୍ୱାରା ସ୍ୱିକୃତ । ଆୟୋଡ଼ାଇଜ୍‌ଡ଼ ଲୁଣ ପରି ଡି.ଇ.ସି. ମିଶ୍ରିତ ଲୁଣ ବ୍ୟବହାର କଲେ ସମାଜରୁ ଫାଇଲେରିଆ ନିରାକରଣ ହୋଇପାରି । ସେଥିପାଇଁ ସରକାରଙ୍କର ଓ ଜନସାଧାରଣଙ୍କର ସମୂହ ଆନ୍ତରିକ ଚେଷ୍ଟା ଆବଶ୍ୟକ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. **ସଂପାଦକ: ପ୍ରକାଶ କୁମାର ଧଳ**
**Mobile :** 9439951525,**Email: utkalsamachar@gmail.com / utkalsamachar@rediffmail.com** (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) **Phone:** 0661-2646999 **Editor : Prakash Kumar Dhal**




## ରାଉରକେଲାରେ ହଇଜା ମୃତ୍ୟୁ ପ୍ରସଙ୍ଗ
# ଜିଲ୍ଲା କଂଗ୍ରେସ ପକ୍ଷରୁ ଅଭିନବ ପ୍ରତିବାଦ



ରାଉରକେଲା, ୩/୧ (ନି/ପ୍ର): ରାଉରକେଲାରେ ହଇଜା ମୃତ୍ୟୁକୁ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ଅଭିନବ ପ୍ରତିବାଦ କରାଯାଇଛି। ଆରଏମସି ଅଫିସ ଆଗରେ ନେତା ଓ କର୍ମୀମାନେ ହଇଜା ରାଗୀ ହୋଇ ଧାରଣା ଦେଇଛନ୍ତି। ହଇଜାରେ ମୃତ ପରିବାରଙ୍କୁ ୨୦ ଲକ୍ଷ ଟଙ୍କା ସହାୟତା ଓ ଚିକିତ୍ସିତ ରୋଗୀଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଜିଲ୍ଲା ସଭାପତି ରଶ୍ମି ପାଢ଼ୀଙ୍କ ନେତୃତ୍ୱରେ ଆରଏମସି ଅଫିସ ଆଗରେ ତିନି ଶହରୁ ଅଧିକ ନେତା ଓ କର୍ମୀ ଧାରଣା ଦେଇଛନ୍ତି। ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ବରିଷ୍ଠ ନେତା ବିରେନ ସେନାପତି, ପ୍ରବୋଧ ଦାସ, ରବି ରାୟ, ସବୀର ହୁସେନ, ଦେବବ୍ରତ ବିହାରୀ, ରମାନନ୍ଦ ଶ୍ରୀଚନ୍ଦନ, ରବି ରାୟ, ବରିୟାମ ସିଂ, ମହିଳା ଅଧ୍ୟକ୍ଷା ନିରୁପମା ବଳିୟାର ସିଂ, ଇଜାଜ ଅକତର, କୈଳାସ ସାହୁ, ଉମେଶ ଶରଣ, କୀର୍ତ୍ତନ ଦାସ, ପ୍ରଫୁଲ୍ଲ କଂସାରୀ, ପ୍ରବୋଧ ଦାସ, ଜ୍ଞାନ ଦାସ ଓ ସୂର୍ଯ୍ୟକାନ୍ତ ବାରିକ ପ୍ରମୁଖ ସାମିଲ ଅଛନ୍ତି।

# ମହିଳା ରୋଗୀଙ୍କ ସମସ୍ୟା ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କଲେ ପ୍ରଶାନ୍ତ



ରାଉରକେଲା, ୩/୧ (ନି/ପ୍ର): ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ଆଜି ରାଉରକେଲା ସରକାରୀ ଡାକ୍ତରଖାନାରେ ପହଂଚି ପ୍ରଥମେ ସୁପରିନଟେଂଣ୍ଡେଟଂଙ୍କୁ ସାକ୍ଷାତ କରି ନବ ବର୍ଷର ଶୁଭେଚ୍ଛା ଜ୍ଞାପନ କରିଥିଲେ । ଏହି ଅବସରରେ ସେ ବିଭାଗୀୟ ଅଧିକାରୀଙ୍କ ସହ ଡାକ୍ତରଖାନାର ଚିକିତ୍ସା ସେବା ପ୍ରସଙ୍ଗରେ ମଧ ଧ୍ୟାନ ଆକର୍ଷଣ କରି ଏ ଦିଗରେ ବିହିତ ପଦକ୍ଷେପ ନେଇ ଏକ ଦାବି ପତ୍ର ପ୍ରଦାନ କରିଥିଲେ କ୍ଷ ବିଶେଷ କରି ସ୍ତ୍ରୀ ଓ ପ୍ରସୂତି ବିଭାଗ ଉପରେ ନିର୍ଭର କରୁଥିବା ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ ସେ ବିନମ୍ରତା ସହ ନିବେଦନ କରିଥିଲେ କ୍ଷ ଆଜିକାଲି ୟୁଟ୍ରେସ ସମସ୍ୟା ସାଙ୍ଗକୁ ଗଲ୍ଡ ବ୍ଲଡ଼ର, ଟିୟୁମର ଓ ଷ୍ଟୋନ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଅସହାୟ ଗରିବ ରୋଗି ହନ୍ତସନ୍ତ ହେବା ଦେଖା ଯାଉଛି କ୍ଷ ଅନୁରୂପ ଭାବେ ଏଭଳି ଅନେକ ପୁରୁଷ ରୋଗୀ ମଧ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି କ୍ଷ ସେମାନଙ୍କୁ କିଭଳି ଉପଯୁକ୍ତ ଓ ସୁଲଭ ଚିକିତ୍ସା ସେବା ଯୋଗାଇ ଦିଆଯାଇ ପାରିବ ସେ ଦିଗରେ ମେଡିକାଲ କର୍ତ୍ତୃପକ୍ଷ ଯତ୍ନବାନ ହେବା ଜରୁରୀ ବୋଲି ପ୍ରଶାନ୍ତ କହିଥିଲେ କ୍ଷ ଚିକିତ୍ସା ଆଳରେ ସେମାନଙ୍କୁ ଏଠାରେ ମାସ ମାସ ପକାଇନରଖି ସରକାରଙ୍କ ଯେଉଁ ଯୋଜନା ରହିଛି ତାହା ମାଧ୍ୟମରେ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ବ୍ୟବସ୍ଥା କରିବାକୁ ପ୍ରଶାନ୍ତ ନିଜ ଦାବି ପତ୍ରରେ ଉଲ୍ଲେଖ କରିବା ସହ ବିଭାଗୀୟ ଅଧିକାରୀ ଏ ଦିଗରେ ତତ୍ପରତା ପ୍ରକାଶ କରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ଯୁବ ନେତା ବାବୁ ମହାନ୍ତି, ସରୋଜ ନାୟକ, ବିଶ୍ୱରଂଜନ ରାଉତ, ତନ୍ମୟ ସେଠୀ, ପ୍ରତାପ ପାଢ଼ୀ, ପ୍ରତାପ ସିଂ, ରାଜେଶ ମଣ୍ଡଳ, ନିଲୁ ସେଠୀ ଓ ଜିତେନ୍ ମାଛଖଣ୍ଡ ଉପସ୍ଥିତ ଥିଲେ ।

# ବରିଷ୍ଠ ନାଗରିକଙ୍କୁ ବସ୍ତ୍ରସର ସେବା-ସମ୍ମାନ



ରାଉରକେଲା, ୩/୧ (ନି/ପ୍ର):ନବବର୍ଷ -୨୦୨୪ ର ଶୁଭ ଅବସରରେ ରାଉରକେଲା ବସ୍ତି ସୁରକ୍ଷା ସମିତି ତରଫରୁ ଆର୍ଥିକ ଅନଗ୍ରସର ଶ୍ରେଣୀ ର ବରିଷ୍ଠ ନାଗରିକ ଙ୍କ ପାଇଁ ଏକ ସେବା - ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ସମିତି ର ସଭାପତି ବିରେନ ସେନାପତି ଙ୍କ ଅଧ୍ୟକ୍ଷତାରେ ଗତ କାଲି ଅର୍ଥାତ ୧-୧-୨୪ ରିଖରେ ରାଉରକେଲା ଶିଳ୍ପାଂଚଳ ର କମ୍ୟୁନିଟ ସେଂଟର ପ୍ରାଙ୍ଗଣ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉକ୍ତ ଅଂଚଳ ର ବିଭିନ୍ନ ବସ୍ତି ରେ ବସବାସ କରୁଥିବା ୧୮୦ ଯଣ ବରିଷ୍ଠ ନାଗରିକ ଙ୍କୁ ଶୀତ ବସ୍ତ୍ର କମ୍ବଳ ପ୍ରଦାନ କରି ସମ୍ମାନୀତ କରାଯାଇଥିଲା ।ଏହି ଅବସରରେ ଅନନ୍ତ ଉଦୟ ଚାରିଟେବଲ ଟ୍ରଷ୍ଟ ର ଅଧ୍ୟକ୍ଷା ଶ୍ରୀମତି ରାଜଲକ୍ଷ୍ମୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମିତି ର ସାମାଜିକ କାର୍ଯ୍ୟ କ୍ରମର ପ୍ରଶଂସା କରିବା ସହିତ ବରିଷ୍ଠ ନାଗରିକ ଙ୍କୁ କମ୍ବଳ ବିତରଣ କରିଥିଲେ ।ନୂଆ ବର୍ଷ ସମସ୍ତ ଙ୍କ ପାଇଁ କଲ୍ୟାଣକାରୀ ହେବ ବୋଲି ଆଶା ପ୍ରକାଶ କରି ସମସ୍ତ ଙ୍କ ର ସୁସ୍ଥ ଓ ନାରାମୟ ଜୀବନ କାମନା କରି ଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଉକ୍ତ ଅଂଚଳ ର ବରିଷ୍ଠ ନାଗରିକ ଶ୍ରୀ ଅନାଥ ରାଉତ,ଶ୍ରୀ ଅଭିମନ୍ୟୁ ଦାସ,ଶ୍ରୀ ସହଦେବ ସାମଲ,ଶ୍ରୀ ଭାଗିରଥି ମାହଲା,ଶ୍ରୀ ଶଂକରଷଣ ନାୟକ ,ଶ୍ରୀ ରବର୍ଟ ଭିନିସେଂଟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମିତି ଏପରି ସେବା ମୂଳକ କାର୍ଯ୍ୟ ଯାରି ରଖିବାକୁ ପରାମର୍ଶ ଦେଇଥିଲେ ।କାର୍ଯ୍ୟକ୍ରମ ପରିଚାଳନା ରେ ସମିତି ର ସଦସ୍ୟ କୈଳାଶ ସାହୁ,ଜିତେନ୍ଦ୍ର ଦାସ,ସୁବଳ ବାସୁରୀ,ନରେନ୍ଦ୍ର ବର୍ମା,ଚତୁରଭୁଜ ସାମଲ,ବିଜୟ ସାହୁ,ଶ୍ୟାମ ସାଗର,ରାଜେନ୍ଦ୍ର ବାରିକ,ପଦ୍ମିନୀ ଲୁହାର,ଶୁସାନ୍ତ ଖୁଟିଂଆ ଓ ଅକୁଳ ପାତ୍ର ପ୍ରମୁଖ ସହଯୋଗ କରିଥିଲା ବେଳେ ଅନ୍ୟତମ ସଦସ୍ୟ ସାରଦା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏକଲ ଅଭିଯାନକୁ ନେଇ ତିନି ଦିବସୀୟ ବାର୍ଷିକୋ କ୍ରୀଡ଼ା ଉତ୍ସବ

ରାଉରକେଲା, ୩/୧ (ନି/ପ୍ର):ଏକଲ ଅଭିଯାନକୁ ନେଇ ରାଜ୍ୟ ଆଥେଲେଟିକ୍ ମିଟ୍ ୫ ଜାନୁଆରୀରୁ ଆରମ୍ଭ ହେବ। ବିର୍ଶାମୁଣ୍ଡା ତିନି ଦିବସୀୟ ରାଜ୍ୟ ଖେଳକୁଦ ପ୍ରତିଯୋଗିତାରେ ୫ ଜାନୁଆରୀରୁ ଆରମ୍ଭ ହୋଇ ୭ ଜାନୁଆରୀ ପର୍ଯ୍ୟନ୍ତ କରାଯିବ। ବିଶ୍ରା ମୁଣ୍ଡା ଷ୍ଟାଡ଼ିୟମରେ



ଆଥଲେଟିକ୍ ଷ୍ଟାଡ଼ିୟମରେ ଏହି ବାର୍ଷିକୋ କ୍ରୀଡ଼ା ଉତ୍ସବ ଆୟୋଜିତ ହେବ। ଏଥିରେ ୨୧ ରାଜ୍ୟର ୫ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେବେ। ଏହାକୁ ନେଇ ପ୍ରସ୍ତୁତି ଜୋରରେ ଚାଲିଛି। ଏହାକୁ ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏକଲ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ଏହି କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହେବ। ଆଜିର ସାମ୍ବାଦିକ ସମ୍ମିଳନୀରେ ଏକଲ ଅଭିଯାନର ପଦାଧିକାରୀ ପ୍ରମୁଖ ବେହେରା, ସୌଭାଗ ଆରୋଗ୍ୟ, ଯୋଜନାର ପ୍ରମୁଖ ରାଜୀବ ପାତ୍ର, ଗ୍ରାମ ସରୋଜ ପ୍ରମୁଖ ସୁବାସ ମିଶ୍ର, ଏବଂ ଅଚଂଳ ସମିତିର ସଂପାଦକ ବାବାଜୀ ପ୍ରସାଦ ସାହୁ , ବବଲି ମୁମୁ, ଦାମ ର୍ତିକୀ, ଦେବୀ ଦେହୁରୀ, ସୂଜିତ ଚୌଧୁରୀ ଉପସ୍ଥିତ ହୋଇ ସାମ୍ବାଦିକ ସମ୍ମିଳନୀରେ ଏହି କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ଏଥିରେ ୧୧ ବର୍ଷରୁ ୧୬ ବର୍ଷ ଛାତ୍ରଛାତ୍ରୀମାନେ ରହିବାର ବ୍ୟବସ୍ଥା କରାଯାଇଛି। ୨୬ ଶିକ୍ଷକମାନଙ୍କ ସହିତ ୯୨ ବରିଷ୍ଠ କର୍ମକର୍ତା ଯୋଗ ଦେବେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ଆୟୋଜିତ କରାଯିବ।

# ଗ୍ୟାରେଜରେ ଜଳିଗଲା ଟ୍ରକ୍

ସୁନ୍ଦରଗଡ଼, ୩/୧ (ନି/ପ୍ର): ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଭୋଜପୁର କଲିମ ଗ୍ୟାରେଜରେ ଏକ ଟ୍ରକରେ ନିଆଁ ଲାଗି ଜଳିଯାଇଛି। ତେବେ କେଉଁ ସ୍ଥିତିରେ ନିଆଁ ଲାଗିଲା ତାହା ଜଣାପଡିନାହିଁ। ଗ୍ୟାରେଜକୁ ମରାମତି ପାଇଁ ଟ୍ରକ ଆସିଥିବାବେଳେ ନିଆଁ ଲାଗି ଯାଇଥିଲା। ନିଆଁ ଲିଭାଇବାକୁ ଉଦ୍ୟମ ଚାଲିଛି।

# ପ୍ରଗତି ଉତ୍କଳ ସଂଘର ମୋ ପ୍ରିୟ କବି ଓ କବିତା କାର୍ଯ୍ୟକ୍ରମ



ରାଉରକେଲା, ୩/୧ (ନି/ପ୍ର):ସହରର ପୁରାତନ ସାହିତ୍ୟାନୁଷ୍ଠାନ ପ୍ରଗତି ଉତ୍କଳ ସଂଘର ମୋ ପ୍ରିୟ କବି ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ନବବର୍ଷ ଦିନ ଭଳି ଚଳିତ ବର୍ଷ ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା, ସାଧାରଣ ସମ୍ପାଦକ ଘନଶ୍ୟାମ ଧଳଙ୍କ ଆବାହକତ୍ୱ ଓ ସାଂସ୍କୃତିକ ସଂପାଦକ ଅଶୋକ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହରର ଶତାଧିକ ସାହିତ୍ୟିକ କବି ଯୋଗ ଦେଇ ନିଜ ମନପସନ୍ଦର କବିଙ୍କ କବିତା ପାଠ କରିଥିଲେ। ସଭାପତି ଶ୍ରୀ ସ୍ୱାଇଁ ସ୍ୱାଗତ ଅଭିଭାଷଣ ସହ ସଂଘର ସାହିତ୍ୟ ପ୍ରତି ପ୍ରତିବଦ୍ଧତା ସମ୍ପର୍କରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ଶ୍ରୀ ଧଳ କାର୍ଯ୍ୟକ୍ରମର ରୂପରେଖ ସହ କବି ମାନଙ୍କ ଉପସ୍ଥିତି ଯୋଗୁଁ ସାଧୁବାଦ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ତ୍ରିନାଥ ସିଂ ଙ୍କ ସଭାପତିତ୍ୱ ଓ ତ୍ରିଲୋଚନ ସ୍ୱାଇଁ ଓ ରଶ୍ମି ସାହୁଙ୍କ ସଂଯୋଜନାରେ ଡ଼ଃ କୃପାସିନ୍ଧୁ ନାୟକ,ଭାରତ ଭୂଷଣ ମହାନ୍ତି, ବ୍ରଜ ଦାଶ, କୁଞ୍ଜବିହାରୀ ରାଉତ, କାଶୀନାଥ ନନ୍ଦୀ, ଆଲୋକ ବୋଷ, ଅଶୋକ ପଟ୍ଟନାୟକ, ସ୍ମିତା ମିଶ୍ର, ସସ୍ମିତା ପ୍ରଧାନ, କନକଲତା ମିଶ୍ର, ପୁଷ୍ପା ପଟେଲ,ଡଲିରାଣୀ ବ୍ରହ୍ମା, ଗୌତମ ଦାସ,ଲିପିକା ବାଗ୍, ତାରିଣୀ ଚରଣ ସାହୁ,ଶ୍ରେୟଶ୍ରୀ ସାହୁ,ଶ୍ରୀଧର ସୁନା, ତ୍ରିନାଥ ସିଂ, ପୂର୍ଣ୍ଣଚନ୍ଦ୍ର ଜେନା, ଉପେନ୍ଦ୍ର ବସ୍ତିଆ, ଏମ୍ ସ୍ୱୟଂଶ୍ରୀ, ବ୍ରହ୍ମାନନ୍ଦ ପାଢ଼ୀ, ଗଜେନ୍ଦ୍ର ଚାରୋଡିଆ, ସଞ୍ଜୀବ କୁମାର ଭୋଇ, ଗୀତାରାଣୀ ବେହେରା, ଗଙ୍ଗାଧର ତ୍ରିପାଠୀ, ସୁଶାନ୍ତ ନାୟକ, ମୀନକେତନ ପଶାୟତ, ବଳରାମ ରାଉଳ,ବିନତା ମହନ୍ତ, ସତ୍ୟ ଦାସ, ସରସ୍ୱତୀ ମୋଦକ, ବସନ୍ତ ବିଶ୍ୱକର୍ମା, କରୁଣାକର ପାଟ୍ଟଶାଣୀ ରାଜୀବ ପାଣି ତଥା ସଂଯୋଜକ ଦ୍ୱୟ ତ୍ରିଲୋଚନ ସ୍ୱାଇଁ, ରଶ୍ମି ସାହୁ ପ୍ରମୁଖ ନିଜ ପସନ୍ଦ କବିଙ୍କ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା ରେ ସଂଘର ସର୍ବଶ୍ରୀ ରାଧାମୋହନ ନାୟକ, ଅରବିନ୍ଦ ପାତ୍ର, ଇନ୍ଦ୍ରମଣି ମହାପାତ୍ର,ବିପିନ ବିହାରୀ ପଟ୍ଟନାୟକ, ପ୍ରସନ୍ନ ମହାନ୍ତି, ରତି ମିଶ୍ର, ବରୁଣ ନାହାକ, ପରିକ୍ଷିତ ଗୁରୁ, ଅର୍ଜ୍ଜୁନ ଭୂୟାଁ, ଦେବେନ୍ଦ୍ର ଆଚାର୍ଯ୍ୟ, ଧରଣୀଧର ସାମଲ, ଅବନୀ ମହାନ୍ତି, ନାରାୟଣ ଚନ୍ଦ୍ର ମହନ୍ତ ପ୍ରମୁଖ ସହଯୋଗ କରିଥିବା ବେଳେ ଶେଷରେ ଉପସଭାପତି ରଶ୍ମିରଞ୍ଜନ ବୋଇତାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ହିନ୍ଦ୍ ମଜଦୁର ସଭା ଜାତୀୟ ଅଧିବେଶନରେ ଯୋଗ ଦେବାକୁ ରାଉରକେଲା ପ୍ରତିନିଧି ମଣ୍ଡଳୀର ନାଗପୁର ଯାତ୍ରା




ରାଉରକେଲା, ୩/୧ (ନି/ପ୍ର):ହିନ୍ଦ୍ ମଜଦୁର ସଭା ର ୩୪ ତମ ଜାତୀୟ ଅଧିବେଶନ ଜାନୁଆରୀ ୩ ରୁ ଆରମ୍ଭ ହୋଇ ଜାନୁୟାରୀ ୫ ରେ ଉଦଯାପିତ ହେବ। ମହାରାଷ୍ଟ୍ର ର ନାଗପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଅଧିବେଶନରେ ହିନ୍ଦ୍ ମଜଦୁର ସଭା ର ଦେଶବ୍ୟାପୀ ଅନୁବନ୍ଧିତ ଶ୍ରମ ସଂଗଠନ ମାନେ ଯୋଗ ଦେଇ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ ରତ ଖଟିଖିଆ ମେହନତି ଶ୍ରମିକ, କୃଷକଙ୍କ ବୃତ୍ତିଗତ ସମସ୍ୟା, ସାଂପ୍ରତିକ ପରିସ୍ଥିତିରେ ଶ୍ରମିକ ର ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ନେଇ ଶ୍ରମ ସଂଗଠନ ର ଦାୟିତ୍ୱ ଜାତୀୟ ଅର୍ଥନୀତି ଭଳି ବହୁ ପ୍ରସଙ୍ଗରେ ୩ ଦିନ ଧରି ଆଲୋଚନା କରି ହିନ୍ଦ୍ ମଜଦୁର ସଭା ଆଗାମୀ ଦିନର କାର୍ଯ୍ୟଧାରା ନିର୍ଦ୍ଧାରଣ କରାଯିବ ଓ ଆଗାମୀ ୩ ବର୍ଷ ପାଇଁ ଜାତୀୟ କାର୍ଯ୍ୟକାରିଣୀ ପ୍ରତିନିଧିତ୍ୱ ନେଇ ନିର୍ବାଚନ ମାଧ୍ୟମରେ ନିଷ୍ପତି ନିଆଯିବ। ଏହି ଅଧିବେଶନରେ ଯୋଗ ଦେବାପାଇଁ ରାଉରକେଲା ମଜଦୁର ସଭା ଓ ହିନ୍ଦ୍ ମଜଦୁର ସଭା ର ସହବନ୍ଧିତ ଶ୍ରମ ସଂଗଠନ ଯଥା - ରାଉରକେଲା ଠିକା ଶ୍ରମିକ ସଭା, ଶିଳ୍ପାଂଚଳ ମଜଦୁର ସଭା,ଆଇ.ଡି.ଏଲ ମଜଦୁର ସଭା, ଓଡ଼ିଶା ସିମେଂଟ ମଜଦୁର ସଂଘ, ଏନ୍.ଏସ.ପି.ସି.ଏଲ ଏମ୍ପଲଇଜ ଆସୋସିଏସନ୍, ରାଉରକେଲା ଡୋମେଷ୍ଟିକ ଓର୍କର୍ସ ୟୁନିୟନ, ସୁନ୍ଦରଗଡ଼ ଜିଲ୍ଲା ଶିଳ୍ପାଂଚଳ ଶ୍ରମିକ ସଭା ର ପ୍ରତିନିଧି ମଣ୍ଡଳୀ ହିନ୍ଦ୍ ମଜଦୁର ସଭା ର ରାଜ୍ୟ କାର୍ଯ୍ୟକାରି ସଭାପତି ଶ୍ରୀ ବୈଦ୍ୟନାଥ ଦାସ, ରାଉରକେଲା ମଜଦୁର ସଭା ର ସଭାପତି ଶ୍ରୀ ଶଶଧର ନାୟକ, ସାଧାରଣ ସମ୍ପାଦକ ଶ୍ରୀ ଅକ୍ଷୟ କୁମାର ନାୟକଙ୍କ ନେତୃତ୍ୱରେ ତା ୦୨/୦୧/୨୦୨୪ ରିଖରେ ନାଗପୁର ଯାତ୍ରା କରିଛନ୍ତି। ପ୍ରତିନିଧି ଭାବରେ ଅନ୍ୟ କର୍ମକର୍ତ୍ତା ସର୍ବଶ୍ରୀ କଳାକାର ସାହୁ, ସିଦ୍ଧେଶ୍ୱର ବଳ, ଖଗେନ୍ଦ୍ର ବେହେରା, ପ୍ରମୋଦ କୁମାର ଦାସ, ଦିଲ୍ଲୀପ କୁମାର ଜେନା, ରମେଶ ଚନ୍ଦ୍ର ମହାନ୍ତି, ସୂର୍ଯ୍ୟ ବାସକେ, ଶ୍ରବଣ କୁମାର ଦଳେଇ, ମହେଶ୍ୱର ଦାସ,ପି.ଏସ୍.ବାରିକ,ଟିକେଶ୍ୱର ଭୋଇଙ୍କ ସମେତ ମୋଟ ୨୧ ଜଣ ପ୍ରତିନିଧି ଜାତୀୟ ଅଧିବେଶନ ରେ ଯୋଗ ଦେବେ।

# ଜାନୁୟାରୀ ୪ରୁ ୮ ପର୍ଯ୍ୟନ୍ତ ରାଉରକେଲା ହର୍ବାଲ ମେଳା



ରାଉରକେଲା ୩/୧ (ନି/ପ୍ର): ଚଳିତ ମାସ ୪ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ବନ ବିଭାଗ ପକ୍ଷରୁ ରାଉରକେଲା ଭଞ୍ଜ ଭବନ ପଡିଆରେ ହର୍ବାଲ ମେଳା ଅନୁଷ୍ଠିତ ହେବ ବୋଲି ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି। ଏହି ହର୍ବାଲ ମେଳାରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷର ପ୍ରଦର୍ଶନୀ ଅନୁଷ୍ଠିତ ହେବ। ମେଳାରେ ୬୦ଟି ଷ୍ଟଲ ସହ ବିଭିନ୍ନ ରାଜ୍ୟରୁ ବୈଦ୍ୟରାଜ ଗୁରୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଠାରେ ସେମାନେ ନିଶୁଳ୍କ ପ୍ରାଥମିକ ଚିକିତ୍ସା କରିବେ, କିନ୍ତୁ ଯେଉଁ ଆର୍ଯୁବେଦିକ ଔଷଧ ଲାଗିବ, ସେଥିରେ ମୂଲ୍ୟ ଦେବାକୁ ପଡିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଥିଲା। ରାଉରକେଲା ବନଖଣ୍ଡ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଏସିଏଫ୍ ସରବିନ୍ଦର ସିଂହ, ଏସିଏଫ୍ ସୌମ୍ୟ ରଞ୍ଜନ ଗୋଛୟତ ଏବଂ ପାନପୋଷ ରେଞ୍ଜର ଜ୍ଞାନେନ୍ଦ୍ର ଲିମା ଉପସ୍ଥିତ ଥିଲେ। ଏହି ହର୍ବାଲ ମେଳା ଉଦ୍ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ଶ୍ରମ ମନ୍ତ୍ରୀ ଶାରଦା ପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବେ ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ, ରାଜ୍ୟ ଔଷଧୀୟ ବୃକ୍ଷ ନିଗମର ସିଇଓ ସୁଦୀପ୍ ନାୟକ ଏବଂ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ହର୍ବାଲ ମେଳାରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ପ୍ରକାଶ କରାଯାଇଛି।

# ଆରଏସପି ଦ୍ୱାରା ୯୫ ଜଣ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ବଂଟନ

ରାଉରକେଲା, ୩/୧ (ନି/ପ୍ର):ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ ଅଧୀନରେ ଥିବା ବରସୁଆଁ ଆଇରନ୍ ମାଇନ୍ସ, ରାଉରକେଲା ଷ୍ଟିଲ୍ ପ୍ଲାଂଟ (ଆରଏସପି) ଦ୍ୱାରା ଉଭୟ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ନେଇ ୯୫ ଜଣ ହିତାଧିକାରୀଙ୍କୁ ସହାୟକ ଉପକରଣ ବଂଟନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଆରଏସପି ଓ ଆଲିମକୋ (ଆର୍ଟିଫିସିଆଲ୍ ଲିମ୍ବସ୍ ଉତ୍ପାଦନ ନିଗମ)ର ମିଳିତ ସହଯୋଗରେ ଡିସେମ୍ବର ୨୯ ତାରିଖ ଦିନ ବଣାଇ ପିଏଟିଆଇଡ଼ି ସମ୍ମିଳନୀ ହଲରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ବଣାଇ ର ସବ୍ କଲେକ୍ଟର ଶ୍ରୀ ସୁରଜନ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୯୫ ଜଣ ଉଭୟ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକ ହିତାଧିକାରୀଙ୍କୁ ସହାୟକ ଉପକରଣ ବଂଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବଣାଇ ର ବିଡିଓ ଶ୍ରୀ ଦିବ୍ୟା ଶଙ୍କର ଜୟପୁରିଆ, ବଣାଇ ର ତହସିଲଦାର ଶ୍ରୀ ଅଶୋକ କୁମାର ରାଉତିଆ, ବଣାଇ ର ଭାଇସ ଚେୟାରମେନ ସୁଶ୍ରୀ ବିନତି ବେହେରା, ବି ଆଇଏମ ମହାପ୍ରବନ୍ଧକ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବରୁଆ ଙ୍କ ସମେତ ବିଏମ୍ ର ଅନ୍ୟ ବରିଷ୍ଠ ଅଧିକାରୀ, ଆଲିମକୋ ଏବଂ ସ୍ଥାନୀୟ ପ୍ରଶାସନର ପ୍ରତିନିଧୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଉପକରଣ ଗୁଡିକ ମଧ୍ୟରେ ଏମ ଟି ସି , ଟ୍ରାଇ ସାଇକେଲ, ହୁଇଲ ଚେୟାର, ଏଲବୋ କ୍ରଚ୍, ୱାକିଂ ଷ୍ଟିକ୍, ଆକ୍ସିଲା କ୍ରଚ୍, ସ୍ମାର୍ଟ କେନ୍, ଶ୍ରବଣ ଉପକରଣ ଇତ୍ୟାଦି ଅନ୍ତର୍ଭୁକ୍ତ ଅଟେ ।